


## ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅନୁଗୋଳ, ୨୭।୨(ସମିସ):** ଅନୁଗୋଳ ବ୍ଲକ ଅନ୍ତର୍ଗତ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଉକ୍ତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଛେଳିଆପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ କୁମର ମୁଦୁଲି, ସମିତିସଭ୍ୟ ମନୋଜ ସ୍ୱାଇଁ, ୱାର୍ଡ ମେମ୍ବର ତ୍ରିଲୋଚନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରୀ ପ୍ରଧାନ, ଖମାର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ନିଜର ପ୍ରଚେଷ୍ଟା ଓ ଅଧ୍ୟବସାୟ ବଳରେ ଶୀର୍ଷ ସ୍ଥାନରେ ପହଞ୍ଚି ହେବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଶିଳ କୁମାର ସାମଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ନୟନା ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରିଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ଦେହୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଲାଗି ଦାବି



**ଅନୁଗୋଳ, ୨୭।୨(ସମିସ):** ଅନୁଗୋଳ ସହର ମଧ୍ୟରେ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ହୁଲୁରିସିଂହା ଛକ ଠାରେ ବାରମ୍ବାର ଦୁର୍ଘଟଣା ହେଉଛି । ହେମସୁରପଡ଼ା ଛକରୁ ଗାନ୍ଧୀମାର୍ଗ ଦେଇ ଯାଇଥିବା ରାସ୍ତା ଯେଉଁ ସ୍ଥାନରେ ଜାତୀୟ ରାଜପଥରେ ମିଶିଛି, ସେହି ଛକ ଉପରେ ହିଁ ରାସ୍ତାକଡ଼ରେ ଏକ ଟ୍ରାନ୍ସଫରମର ଅନେକ ଦିନରୁ ବସିଛି । ରାସ୍ତା ପ୍ରଶସ୍ତିକରଣ ପରେ ଏହି ଟ୍ରାନ୍ସଫରମରଟି ଏବେ ପ୍ରମୁଖ ସମସ୍ୟାର କାରଣ ହୋଇଛି । ଜାତୀୟ ରାଜପଥର ପଞ୍ଚମହଲା ଆଡୁ ଯେଉଁ ଗାଡ଼ି ଗାନ୍ଧୀମାର୍ଗ ଆଡ଼କୁ ବୁଲାଣି ବୁଲୁଛି, ସେହି ସମୟରେ ଏହି ଟ୍ରାନ୍ସଫରମରଟି ସମସ୍ୟା ସୃଷ୍ଟି କରୁଛି । ବହୁବାର ବଡ଼ ବଡ଼ ଟ୍ରଲର ବୁଲିବା ସମୟରେ ଚାଳକମାନେ ବାମ କଡ଼ ଜାଣି ନପାରି ୨ଚକିଆ ଯାନ ଉପରେ ଚଢ଼ାଇ ଦେଉଛନ୍ତି । ଏହିପରି ଘଟଣା ବହୁବାର ଘଟି ସାରିଲାଣି । ଏ ବିଷୟ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ମଧ୍ୟ ଆଲୋଚନା ହୋଇସାରିଛି । ରାଜ ହୋଟେଲ ଛକରେ ଯେପରି ଟ୍ରାନଫର୍ମରଟି ଟ୍ରାଫିକ ସମସ୍ୟା ସୃଷ୍ଟି କରି ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି, ହୁଲୁରିସିଂହା ଛକରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି । ବିଦ୍ୟୁତ ବିଭାଗକୁ ଏହାର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ସେତେବେଳେ ବିଦ୍ୟୁତ ବିଭାଗଟି ସେସୁ ହାତରେ ଥିବା ବେଳେ ଏବେ ଟାଟା ପାୱାର ହାତକୁ ଚାଲିଯାଇଛି । ସେହି ଟ୍ରାନ୍ସଫର୍ମରକୁ ହଟାଇବା ପରିବର୍ତ୍ତେ ସୁରକ୍ଷା ପାଇଁ ତା ଚତୁପାର୍ଶ୍ୱରେ ଲୁହାଜାଲିର ବ୍ୟବସ୍ଥା କରାଯାଇଛି । ଏଭଳି ଅବସ୍ଥାରେ ସେଠାରୁ ବୋଧହୁଏ ଆଉ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର ସପକ୍ଷରେ ଟାଟା ପାୱାର କମ୍ପାନୀ ନଥିବା ଭଳି ମନେ ହେଉଛି । ଆଗକୁ ବଡ଼ ଧରଣର ଅଘଟଣ ହେବା ପୂର୍ବରୁ ସେହି ଟ୍ରାନ୍ସଫରମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

### ଯାତାୟାତରେ ଉପୁଜୁଛି ବାଧା

## ଯନ୍ତ୍ରଣା ଦେଉଛି ହାଟତୋଟା ରେଳଫାଟକ

ତାଳଚେର ସଦର, ୨୭।୨(ସମିସ)



ତାଳଚେର ବାଇପାସ୍ ଛକଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ଏକ ରେଲୱେ ଫାଟକ ରହିଛି । ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫରେଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌର ପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି, ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ଗାଡ଼ି ଗୁଡ଼ିକ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି । ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ଦେଖାଦେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ନା ଏମସିଏଲ ନା ପ୍ରଶାସନ କେହି ହେଲେ ଦୃଷ୍ଟି ଦେଉନଥିବା ଏକ ଦୁର୍ଭାଗ୍ୟଜନକ ବିଷୟ । ତେଣୁ ଏ ସମସ୍ୟାର ସମାଧାନ ଲାଗି ବିଭିନ୍ନ ମହଲରେ ଦାବି ହେଉଛି ।

## କୃଷକ ସାଥୀଙ୍କ କର୍ମଶାଳା

**କିଶୋରନଗର, ୨୭।୨(ସମିସ):** କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟ ସଭାଘର ଠାରେ ଆଜି ଏନସିଏନଏଫ ତରଫରୁ ବ୍ଲକର ସମସ୍ତ କୃଷକ ସାଥୀ ଓ କ୍ରୁକୃଷି ମିତ୍ରଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରନଗର ବ୍ଲକ କୃଷି ଅଧିକାରୀ ଦିଲେଶ୍ୱର ସାହୁ, ଆଠମଲ୍ଲିକ ଜିଲ୍ଲା କୃଷି ଅଧିକାରୀ ପ୍ରଫେସର ନନ୍ଦକିଶୋର ମହାକୁଡ଼, ତାଲିମଦାତା ଡଃ ଏକାଦଶୀ ନନ୍ଦି, ଡଃ ମହମ୍ମଦ ଇମ୍ରାନ ଅଲ୍ଲୀ ଯୋଗଦେଇ ପ୍ରାକୃତିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ସ୍ୱେଚ୍ଛାସେବୀ କୃଷକ ସେବା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମା’ କନକେଶ୍ୱରୀ ଦେବୀଙ୍କ ଜନ୍ମବାର୍ଷିକୀ

**କଣିହାଁ/ପବିତ୍ରନଗର, ୨୭।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ, ବୁରୁକୁନା ପଞ୍ଚାୟତର ଶରଧାପୁର ଗ୍ରାମରେ ମା’ କନକେଶ୍ୱରୀ ଦେବୀଙ୍କ ପ୍ରଥମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହୋଇଯାଇଛି । ସକାଳ ୧୦ ଘଟିକା ସମୟରେ ଶରଧାପୁର ଗ୍ରାମର ମା’ କନକେଶ୍ୱରୀ ବଡ଼ ପୋଖରୀରୁ ପାଣି ଉଠାଇ କଳସ ପୂଜାକରି କଳସ ଯାତ୍ରା କରାଯାଇଥିଲା । ମା’ କନକେଶ୍ୱରୀଙ୍କ କଳସ ଯାତ୍ରା ପରେ ସଭାଯାତ୍ରା, ଦେବୀଙ୍କର ମହାସ୍ନାନ, ଯଜ୍ଞାଧିବାସ ଆରମ୍ଭ ହୋଇଥିଲା । ଏହି ପୂଜା ଉତ୍ସବ ଗ୍ରାମର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ନାମ ସଂକୀର୍ତ୍ତନରେ ମନ୍ଦିରର ଆଖ ପାଖ ଗାଁ ଗୁଡ଼ିକ ପ୍ରକମ୍ପିତ ହୋଇ ଉଠିଥିଲା । ଏହି ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବୁରୁକୁନା ପଞ୍ଚାୟତ ସରପଞ୍ଚ ଦୁଃଖବନ୍ଧୁ ବେହେରା, ବୁରୁକୁନା ପଞ୍ଚାୟତ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଶରଧାପୁର ଗ୍ରାମ ସଭାପତି ରବିଚନ୍ଦ୍ର ମହାନ୍ତି, ଶରଧାପୁର ଗ୍ରାମ ସମ୍ପାଦକ ବିନୟ କୁମାର ପୃଷ୍ଟି ସମେତ ଶରଧାପୁର ଗ୍ରାମର ମା’ କନକେଶ୍ୱରୀ ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବରିଷ୍ଠ ପାଲା ଗାୟକଙ୍କ ପରଲୋକ

**ଅନୁଗୋଳ, ୨୭।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ପାଇକ ପୁରୁଣାକୋଟ ପଞ୍ଚାୟତ ଅଧୀନ କଙ୍କାଳୁର ବରିଷ୍ଠ ପାଲା କଳାକାର ଶ୍ରୀନିବାସ ପଣ୍ଡା ଆଉ ନାହାନ୍ତି । ୯୨ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ଜଣେ ପାଲା ଗାୟକ ସହ ଜ୍ୟୋତିଷ ଭାବେ ଆଖପାଖ ଅଞ୍ଚଳରେ ତାଙ୍କର ପରିଚୟ ରହିଥିଲା । ତାଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳିଯାଇଛି । ଗ୍ରାମବାସୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ଗାଁର ଲିଙ୍ଗରା ନଈ କୂଳ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି । ବଡ଼ପୁଅ ପ୍ରଭାତ ପଣ୍ଡା ମୁଖାଗ୍ନି ଦେଇଥିଲେ ।



## ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ବିଜେଡିର ଧାରଣା

**ଆଠମଲ୍ଲିକ, ୨୭।୨(ସମିସ):** ବିଜେଡି ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓଙ୍କ କାର୍ଯ୍ୟକଳାପ ନେଇ ବିଭିନ୍ନ ଅଭିଯୋଗ ଆଣି ଧାରଣା ଦିଆଯାଇଥିଲା । ଅଭିଯୋଗ ମଧ୍ୟରେ ମୁଖ୍ୟତଃ ବିଧାୟକଙ୍କ ପାଣ୍ଠି କାର୍ଯ୍ୟକୁ ଅତିଶୀଘ୍ର କାର୍ଯ୍ୟାଦେଶ ଦେବା, ପୂର୍ବରୁ କାର୍ଯ୍ୟାଦେଶ ପାଇଥିବା ସମ୍ପୃକ୍ତ ଠିକାଦାରଙ୍କୁ ଲେ ଆଉଟ ଦେବା, ପୂର୍ବରୁ କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟ ସରିଥିଲେ ମଧ୍ୟ ପେମେଣ୍ଟ ଦିଆ ନଯିବା କାରଣକୁ ବିରୋଧ କରି ବିଜେଡି ନେତାମାନଙ୍କ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ସୂଚନାଥାଉ କି, ସମାନ ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ ବୋଲି ବିଧାୟକଙ୍କ ପୂର୍ବତନ ପ୍ରତିନିଧି କ୍ଷୀରୋଦ ବଘାର ଓ ବିଧାୟକଙ୍କ ଏନଏସି ପ୍ରତିନିଧି ନିରଞ୍ଜନ ରଣା ପ୍ରକାଶ କରିଛନ୍ତି । ଦାବି ପୂରଣ ନହେଲେ ଏ ଧାରଣା ଚାଲୁରହିବ ବୋଲି ଚେତାବନୀ ଦେଇଥିଲେ । ତା ପରେ ସରକାରୀ କାର୍ଯ୍ୟକ୍ରମ ସାରି ବିଡିଓ ସୌଭାଗ୍ୟ ବେହେରା ଧାରଣା ସ୍ଥଳକୁ ଆସି ବୁଝାସୁଝା କରିଥିଲେ ଏବଂ ବିଧାୟକଙ୍କ ପାଣ୍ଠିର ସମସ୍ତ କାର୍ଯ୍ୟାଦେଶ ଦିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ବିଜେଡି ନେତା ରମେଶ ଗୋପାଳ, କବିନ୍ଦ୍ର ଦାଶ, ସୁଶୀଲ ମହାକୁଡ଼, କୃପା ବାରିକ, ଭଞ୍ଜୟ ମହାକୁଡ଼, ଦିଲ୍ଲୀପ ପ୍ରଧାନ, ବିନୋଦ ଗୁରାଣ୍ଡି, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।



## ୭୫୦ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**କଣିହାଁ, ୨୭।୨(ସମିସ):** ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହା ବ୍ଲକର ୧୯ଟି ପଞ୍ଚାୟତର ୭୫୦ ଜଣ ନୂତନ ହିତାଧିକାରୀଙ୍କୁ ମଙ୍ଗଳବାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ଏଥିପାଇଁ ଅର୍କିଳ ପରାବିଲ ସମଲ ଦଳକ ଓ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ଜିଲ୍ଲାର ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବିଡିଓ ଦେବଦତ୍ତ ପ୍ରଧାନ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ବୁଲୁ ବିଶ୍ୱାଳ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

## ୧୫ରୁ ଟ୍ରେନ୍ ଯୋଗେ କୋଇଲା ଚାଲାଣ ବନ୍ଦ ପାଇଁ ଦାବିପତ୍ର



**ତାଳଚେର ସଦର, ୨୭।୨(ସମିସ):** ୯ ଦଫା ଦାବି ନେଇ ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ମାର୍ଚ୍ଚ ୧୫ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଟ୍ରେନ୍ ଯୋଗେ କୋଇଲା ଚାଲାଣ ବନ୍ଦ କରାଯିବ ବୋଲି ଆଜି ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତାଳଚେର ରେଳ ଷ୍ଟେସନ୍ ଗତ ୧୯୨୭ ମସିହାରେ ସ୍ଥାପିତ ହୋଇ ଭାରତୀୟ ରେଲୱେର ସବୁଠାରୁ ପୁରୁଣା ରେଳ ଷ୍ଟେସନ୍ ଅଟେ । ଏହା ଦୈନିକ ହାରାହାରି ୩୦ କୋଟି ଟଙ୍କାରୁ ଅଧିକ ଆୟ ରେଳ ବିଭାଗକୁ ଦେଇ ରେଲୱେର ସବୁଠାରୁ ଅଧିକ ଆୟକାରୀ ଷ୍ଟେସନର ମାନ୍ୟତା ପାଇଅଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ତାଳଚେର ମଧ୍ୟ ଦେଇ ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ଗୁଡିକ ତାଳଚେର ଷ୍ଟେସନ୍ କୁ ନଆସିବା ଦ୍ୱାରା ତାଳଚେରବାସୀ ଟ୍ରେନ୍ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହାର ନକଲ ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ, କେନ୍ଦ୍ର କୋଇଲାମନ୍ତ୍ରୀ, ସାଂସଦ, ଢେଙ୍କାନାଳ, ବିଧାୟକ, ତାଳଚେର, ଜିଲ୍ଲାପାଳ, ଅନୁଗୋଳ, ଏସ୍.ପି, ଅନୁଗୋଳ, ଡିଆରଏମ୍, ଖୋର୍ଦ୍ଧା, ଉପଜିଲ୍ଲାପାଳ, ତାଳଚେର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ତାଳଚେରଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସଭାପତି ସଂଗ୍ରାମ କେଶରୀ କୁଅଁର, କେଶବ ଭୂତିଆ, ଅଭୟ ପାଣି, ରାଜକିଶୋର ସାହୁ, ନଖିଆ ସାହୁ, ସୁବାସ ରାଉତ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ୍, ପଦ୍ମନାଭ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଫୁଲ ନାଏକ, ରଂଜିତ୍ କୁମାର ମହାପାତ୍ର, ଜିନେସ ସାହୁ, ଉତ୍କଳ ସିଂ, ସଂଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

### ତାଳଚେର ପୌର ପରିଷଦର ଚିନ୍ତା ନାହିଁ

## ବ୍ୟବସାୟୀଙ୍କ ଯୋଗୁଁ ପରିବେଶ ପୂତିଗନ୍ଧମୟ

ତାଳଚେର ସଦର, ୨୭।୨(ସମିସ)



ସରକାରଙ୍କ ନିୟମ ଯେତେ ପ୍ରଣୟନ ହେଲେ ହେଲେ ମଧ୍ୟ ତାହା ସଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ ହେଉନଥିବା କିଛି ବୁଦ୍ଧିଜୀବୀ ମତପ୍ରକାଶ କରୁଛନ୍ତି । ତାଳଚେର ପୌର ପରିଷଦର କେତେକ ବ୍ୟବସାୟୀ ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରୁଥିବା କୁହାଯାଉଛି । ପରିବା ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କିସମର ସାମଗ୍ରୀ ବ୍ୟବସାୟ କରି ରାତିରେ ଦୋକାନ ବନ୍ଦ କରିବା ସମୟରେ ଆବର୍ଜନା ଗୁଡ଼ିକ ଡଷ୍ଟବିନ୍ କିମ୍ବା ସଠିକ ସ୍ଥାନରେ ନ ପକାଇ ଏଣେତେଣେ ପକାଇ ଦେବାରୁ ପରିବେଶ ନଷ୍ଟ ହେବା ସହ ଦୂଷିତ ମଧ୍ୟ ହେଉଛି । ତାଳଚେର ପୌରପରିଷଦ କାର୍ଯ୍ୟାଳୟ ନିକଟବର୍ତ୍ତି ପନିପରିବା ବ୍ୟବସାୟୀମାନେ ଦୋକାନର ପଚାଷଢ଼ା ବଳକା ପରିବାଗୁଡ଼ିକ ପୌରପରିଷଦ ଦେଇଥିବା ଡ଼ଷ୍ଟବିନ୍ କିମ୍ବା ଆବର୍ଜନା ଡବା ବ୍ୟବହାର ନକରି ତଳେ ଗଦାଇ ଦେଉଥିବାରୁ ଦୁର୍ଗନ୍ଧମୟ ସହ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରୁଛି । ସେହି ମାର୍କେଟ ଦେଇ ଯାଉଥିବା ଅନ୍ୟ ଗ୍ରାହକମାନେ ନାକ ଟେକୁଥିବା ମଧ୍ୟ ଦେଖିବାକୁ ମିଳୁଛି । ତେବେ ସରକାରଙ୍କ ନିୟମ ଉଲ୍ଲଙ୍ଘନ କରୁଥିବା ଏହି ବ୍ୟବସାୟୀଙ୍କ ବିରୁଦ୍ଧରେ ଯଦି ପୌର ପରିଷଦ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କ ନିକଟରୁ ଜରିମାନା ଆଦାୟ କରାଯାନ୍ତା ତେବେ, ପରିସ୍ଥିତିର ସୁଧାର ଆସିପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରୁଛନ୍ତି ।

## ନିର୍ବାଚନ ପ୍ରସ୍ତୁତି ବୈଠକ

**ଅନୁଗୋଳ, ୨୭।୨(ସମିସ):** ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅକ୍ତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ ଏମସିଏମ୍ସି ( ମେଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ କମିଟି)ର ଦାୟିତ୍ୱ ଓ କାର୍ଯ୍ୟାବଳୀ ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିଥିଲେ । ଭାରତ ନିର୍ବାଚନ ଆୟୋଗ ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ସମସ୍ତ ନିର୍ଦ୍ଦେଶକୁ ସଠିକ୍ ଭାବେ ପାଳନ କରାଯାଇ ଜିଲ୍ଲାରେ ଆଗାମୀ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ନିର୍ବାଚନରେ ଏମ୍ ସି ଏମ୍ ସି ସମ୍ବନ୍ଧୀୟ ସମସ୍ତ ନୀତି ନିୟମ ପାଳନରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର, ପାଲଲହଡ଼ା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହେମନ୍ତ କୁମାର ଦାସଙ୍କ ସମେତ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ଆମ ଆଦମୀ ପାର୍ଟିର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।



## ୨୦ ଲିଟର ଦେଶୀ ମଦ ଜବତ

**ପାରାଦୀପ,୨୭।୨(ସମିସ):** ଅଭୟଚାନ୍ଦପୁର ଥାନା ଅଧିନ ନୋଳିଆସାହି ରେ ଚୋରାମଦ ବିକୁଥିବା ବେଳେ ନୋଳିଆ ସାହିର ମୃଷାକର ବେହେରାଙ୍କ ପୁଅ ପ୍ରକାଶ ବେହେରାକୁ ପୁଲିସ ଗିରଫ କରିଛି । ତାଙ୍କ ନିକଟରୁ ୨୦ ଲିଟର ଆସ୍କାଫର୍ଟି ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜକିଶୋର ଦାସ ସୂଚନା ଦେଇଛନ୍ତି ।

## ଡ୍ରାମା ଟୁର୍ଣ୍ଣାମେଣ୍ଟ ପାଇଁ ବୈଠକ

**ଏରସମା,୨୭।୨(ସମିସ):** ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଓ ଗ୍ରାମ୍ୟ କମିଟି ମିଳିତ ଉଦ୍ୟମରେ ଆସନ୍ତା ଦୋଳ ମେଲଣ ଉପଲକ୍ଷେ ଏକ ଡ୍ରାମା ଟୁର୍ଣ୍ଣାମେଣ୍ଟ କରାଯିବାକୁ ସ୍ଥିର ହୋଇଛି । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଏବଂ ନାଟ୍ୟ ପୁସ୍ତକ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସ୍କୃତିକ ମଞ୍ଚ ଓ ଗ୍ରାମ୍ୟ କମିଟିର ସ୍ଥାୟୀ ସଭାପତି ଅମୂଲ୍ୟ ବିଶ୍ୱାଳ, ନିର୍ଦ୍ଦେଶକ ଲୋକନାଥ ମହାନ୍ତି, ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଭାକର ପଣ୍ଡା, ପରିଚାଳନା କମିଟି ସଭ୍ୟ -ଜ୍ୟୋତି ରଞ୍ଜନ କୁଅଁର, ବିଚିତ୍ରା ନନ୍ଦ ଦାସ, ସୁରେନ୍ଦ୍ର ସାମଲ, ଆଲୋକ ରାଉତ, ବିଶ୍ୱଜିତ ମୁଦୁଲି, ଅଶୋକ ସ୍ୱାଇଁ, ସହଦେବ ଜେନା, ସଞ୍ଜୟ ସ୍ୱାଇଁ ଓ ଏରସମା ପଞ୍ଚାୟତର ସମସ୍ତ ଉପଦେଷ୍ଟା, ପଞ୍ଚାୟତ କମିଟି ସଭ୍ୟ ଓ ସମସ୍ତ କଳାକାର ଉପସ୍ଥିତ ହୋଇ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଜାଗୁଳାଇଙ୍କ ପାଖରେ ପୂଜାର୍ଚ୍ଚନା କରି ଆଗାମୀ ଦିନରେ ଡ୍ରାମା କିପରି ସୂଚାରୁ ରୁପେ ପରି ହେବ ମାନସିକ କରିଥିଲେ ।

## ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ



**ବିରିଡି,୨୭।୨(ସମିସ):** ବିରିଡି ବ୍ଲକ ସଢେଇ ଶାସନ ଗ୍ରାମ ପଞ୍ଚାୟତ ଚେକାମାଳ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ତ୍ରିନାଥଙ୍କ ମନ୍ଦିର ପ୍ରତିଷ୍ଠାର ତ୍ରୟୋବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ପରିଚାଳନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞ ଓ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମହାଯଜ୍ଞରେ ସମାଜସେବୀ ସମୀର କୁମାର ସିଂହ ଓ ତାଙ୍କ ପତ୍ନୀ ଅରୁଣନ୍ଧତୀ ରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ । ଯାଜ୍ଞିକ ପଣ୍ଡିତ ପ୍ରଶାନ୍ତ ପଣ୍ଡା ଓ ରୂପକ ହୋତା ପୂର୍ଣ୍ଣାହୁତି ଦେଇଥିଲେ । ଏହି ୩ ଦିବସୀୟ କାର୍ଯ୍ୟକ୍ରମକୁ ଅଭିଷେକ ଜେନା, ଭରତ କୁମାର ବେହେରା, ନିର୍ମଳ କୁମାର ସାହୁ, ସିଦ୍ଧାର୍ଥ ବେହେରା, ସାଗର ସେଠୀ, ସୁଶୀଲ ସିଂହ, ସମ୍ବିତ ସିଂହ, ସୁଶାନ୍ତ ସେନାପତି ପ୍ରମୁଖ ପରିଚାଳନା କରିଥିଲେ ।

## ନବମ ବାର୍ଷିକ ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଘାଟିତ



**ଏରସମା,୨୭।୨(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଜାନକାଦେଇପୁର ପଞ୍ଚାୟତ ଅଧୀନ ସାହାଡ଼ା ଗ୍ରାମରେ ପବିତ୍ର ଫାଲଗୁନ ଶୁକ୍ଳ ଦ୍ୱିତୀୟା ତିଥିରେ ମା' ଉପୁଳାଇ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ନବମ ବାର୍ଷିକ ଭାଗବତ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନରେ ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ତାଳଗାଁ କେଳିମଠର ବାବାଜୀ ସିଦ୍ଧେଶ୍ୱର ଦାଶ ମହାରାଜ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡିଶାର ସଭାପତି ବାବାଜୀ ଚରଣ ସ୍ୱାଇଁ (ଲଙ୍ଗୁଳୀ ବାବା) ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତିକ ପ୍ରଚାରକ ପଣ୍ଡିତ ହୃଷୀକେଶ ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଆୟୁର୍ବେଦ ଡାକ୍ତର ଦେବବ୍ରତ ସାମନ୍ତରାୟ ଉପସ୍ଥିତ ରହି ଭାଗବତ ପ୍ରେମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଭାଗବତ ପ୍ରଚାର ସମିତି ସାହାଡ଼ା ପକ୍ଷରୁ ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ପ୍ରବଚନ ଆରମ୍ଭ କରାଯାଇଥିଲା । ଡାକ୍ତର ଦେବବ୍ରତ ସାମନ୍ତରାୟ ଆଗାମୀ ଦିନରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର କରିବାପାଇଁ ପ୍ରତିଶୃତି ଦେଇଥିଲେ । ନବମ ବାର୍ଷିକ ଉପଲକ୍ଷେ ସମ୍ପାଦକ ଶ୍ରୀଧର ବେହେରା, ପୁରୁଷୋତ୍ତମ ମହାନ୍ତି, ସୁରେନ୍ଦ୍ର ଭୋଳ ଏବଂ ଶ୍ରୀମଦ ଭାଗବତ ପ୍ରଚାର ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

### ସାହାହେଲା ବିଏସ୍‌କେୱାଇ କାର୍ଡ

# ସୁସ୍ଥହେଲେ ସର୍ପ ଦଂଶନରେ ଗୁରୁତର ରାମଚନ୍ଦ୍ର



**ଜଗତସିଂହପୁର,୨୭।୨(ସମିସ):**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେବଳ ଆୟକର ଦାତା ଓ ସରକାରୀ କର୍ମଚାରୀଙ୍କୁ ଛାଡିଲେ ଜିଲ୍ଲାର ଗରିବ ଗୁରୁବା, ଚାଷୀ, ଶ୍ରମିକ ତଥା ବିଭିନ୍ନ ବର୍ଗର ୯୦ ପ୍ରତିଶତ ସାଧାରଣ ଲୋକଙ୍କ ପାଇଁ ସଂଜୀବନୀ ପାଲଟିଛି । ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଏହି ଜନକଲ୍ୟାଣ ଯୋଜନା ପ୍ରଣୟନ କରିବା ଦ୍ୱାରା ଜିଲ୍ଲାର ଶହ ଶହ ରୋଗୀ ଭଲ ଘରୋଇ ହସପିଟାଲରେ ଉଚ୍ଚମାନର ଉନ୍ନତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡ ବିଶୁନପୁର ପଞ୍ଚାୟତର ଗୋପାଳପୁର ଗ୍ରାମର ରାମଚନ୍ଦ୍ର ସ୍ୱାଇଁ (୫୫) ବିଏସକେୱାଇ ଦ୍ୱାରା ସାପ କାମୁଡା ରୋଗର ଚିକିତ୍ସା କରି ଆସନ୍ନ ମୃତ୍ୟୁ ତଥା କିଡନୀ ଡ୍ୟାମେଜରୁ ବର୍ତ୍ତି ପାରିଥିବା ସୂଚନା ମିଳିଛି ।

ରାମଙ୍କ ବାଡି ତଥା ଘରେ ବିଭିନ୍ନ ସମୟରେ ନାଗ ସାପ ବୁଲୁଥିବା ବେଳେ ସେ ସେମାନଙ୍କୁ ମନରେ ଦେବତାର ବିଶ୍ୱାସ ନେଇ ପୂଜା କରୁଥିଲେ । ଏହି ବିଷଧର ସର୍ପମାନେ ବର୍ଷ ବର୍ଷ ଧରି ତାଙ୍କ ପରିବାରର କାହାକୁ ଆକ୍ରମଣ କରୁନଥିଲେ ବୋଲି ରାମ କହିଛନ୍ତି । ତେବେ ଘର ଭିତରେ ଏହି ସାପ ଥିବା ସମୟରେ ଅସାବଧାନତା ହେତୁ ସେମାନଙ୍କ ଉପରେ ରାମଙ୍କ ଗୋଡ ପଡ଼ିଯିବାରୁ ଗୋଟିଏ ନାଗସାପ ତାଙ୍କ ଗୋଡକୁ ଦଂଶନ କରିଥିଲା । ସାପ ବିଷ ଜ୍ୱାଳାରେ ସେ ଅଚେତ ହୋଇପଡିବା ପରେ ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ସାପକାମୁଡାର ଆଣ୍ଟିଭ୍ୟାକ୍ସିନ ଦିଆଯିବାପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ ମଧ୍ୟ ଏହି ବିଷର ପ୍ରଭାବରେ ତାଙ୍କ କିଡନୀ ଓ ଗୋଡ ଅଚଳ ହେବାର ସମ୍ଭାବନା ରହିଥିବାରୁ ତାଙ୍କୁ ତୁରନ୍ତ କଟକକୁ ରେଫର କରାଯାଇଥିଲା । ସେ ରୁଦ୍ର ହସପିଟାଲରେ ଆଡମିଶନ ହୋଇ ଚିକିତ୍ସା କରାଇଥିଲେ ।

ପରେ ତାଙ୍କର ସାପ କାମୁଡିଥିବା ଗୋଡଟି ଅସ୍ୱାଭାବିକ ଭାବରେ ଫୁଲିଯାଇଥିଲା । ଏହା ଧିରେ ଧିରେ ଫାଟିବା ସହିତ ସେଥିରୁ ପାଣି ବାହରିଥିଲା । ଏହା ପରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ଖରାପ ହେବା ଦ୍ୱାରା ସେ ବିଛଣାରେ ପଡି ରହିଥିଲେ । ଏପରି ପରିସ୍ଥିତିରେ ତାଙ୍କର ନିୟମିତ ଚିକିତ୍ସା ହେବା ଦ୍ୱାରା ସେ ଧିରେ ଧିରେ ଆରୋଗ୍ୟ ଲାଭ କରିଥିଲେ । ତାଙ୍କ ସୌଭାଗ୍ୟକୁ ତାଙ୍କୁ ବିଏସକେୱାଇ କାର୍ଡ ମିଳିଥିବାରୁ ସେ ଘରୋଇ ମେଡିକାଲରେ ଏହି ରୋଗର ଚିକିତ୍ସା କରିଥିଲେ । ଏହି କାର୍ଡ ଦ୍ୱାରା ସେ ଉକ୍ତ ହସପିଟାଲରେ ନିଜର ଚିକିତ୍ସା କରାଇଥିଲେ । ସେ ବିଏସକେୱାଇ କାର୍ଡରୁ ୧, ୬୫,୦୦୦ଟଙ୍କା ଚିକିତ୍ସା ସହାୟତା ପାଇଥିଲେ । ସେ ଏହି ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହେବା ସହିତ ଏବେ ବିନା ବାଡିରେ ଚଲା ବୁଲା କରି ବିନା କାହା ସାହାରାରେ ନିଜର କାମ କରିବା ଆରମ୍ଭ କରିଛନ୍ତି । ବିଏସକେୱାଇ ଯୋଜନାକୁ ଗରିବର ସଂଜୀବନୀ ବୋଲି କହିବା ସହିତ ଏହି ଯୋଜନା ନଥିଲେ ତାଙ୍କପରି ଅଭାବୀ ମଣିଷ କେବେ ବି ସୁସ୍ଥ ହୋଇପାରି ନଥାନ୍ତେ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଏହି ଜନହିତକର ଯୋଜନା ପାଇଁ ସେ କୃତଜ୍ଞତା ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାରାଦୀପରେ କ୍ରିକେଟ୍ ଏକାଡେମୀ ଲୋକାର୍ପିତ



**ପାରାଦୀପ,୨୭।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କ୍ରୀଡାବିତଙ୍କ ସଶକ୍ତିକରଣ ପାଇଁ କ୍ରୀଡା ଭିତ୍ତିଭୂମିର ରୂପାନ୍ତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ।ଏନେଇ ଆଜି ରାଜ୍ୟରେ ବିଭିନ୍ନ ସ୍ଥାନରେ କ୍ରିକେଟ ଷ୍ଟାଡିୟମ, କ୍ରିକେଟ ଏକାଡେମୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ର ଲୋକାର୍ପଣ କରାଯାଇଛି । କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା ଭିଡିଓ କନଫରେନସିଂ ମାଧ୍ୟମରେ ମଙ୍ଗଳବାର ଅପରାହ୍ନରେ ୩୦ ଟି ଜିଲ୍ଲାରେ ୪୧ ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରୀ ଦାସଗୁପ୍ତା ପାରାଦୀପ କ୍ରିକେଟ ଏକାଡେମୀକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଓଡିଶା କ୍ରିକେଟ ଆସୋସିଏସନ ର ସଦସ୍ୟ ରବି ଦାସଙ୍କ ସମେତ ନୂତନ ଏକାଡେମୀର ବହୁ କ୍ରୀଡ଼ାବିତମାନେ ଉପସ୍ଥିତ ଥିଲେ ।

**ଟିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଓ ସୋମାଳିକା ବିବାଦ**

## ପ୍ରୋଟେଷ୍ଟ ପିଟିସନ ଦାଖଲ କଲେ ସୋମାଳିକା

**ଜଗତସିଂହପୁର,୨୭।୨(ସମିସ):** ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବାନ୍ଧବୀ ସୋମାଳିକା ଦାଶ ଏସଡିଜେମଙ୍କ କୋର୍ଟରେ ମଙ୍ଗଳବାର ହାଜର ହୋଇଛନ୍ତି । ନିଜ ଓକିଲଙ୍କ ଜରିଆରେ କୋର୍ଟରେ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଛନ୍ତି । ଏହି ପିଟିସନ ଦାଖଲ କରିବା ସହିତ ମାମଲାର ପୁର୍ନବିଚାର କରିବାକୁ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି ।

ସୋମାଳିକାଙ୍କ ଓକିଲ ଅମୀୟ କୁମାର ମହାପାତ୍ରଙ୍କ ସୂଚନା ଅନୁସାରେ, ବିଧାୟକ ବିଜୟ ଶଙ୍କରଙ୍କ ବିରୋଧରେ ସୋମାଳିକା ଜଗତସିଂହପୁର ଥାନାରେ ବିଭିନ୍ନ ସଂଗୀନ ଅଭିଯୋଗ କରିଥିଲେ । ଜଗତସିଂହପୁର ପୁଲିସ ସୋମାଳିକାଙ୍କ ବୟାନ ରେକର୍ଡ କରିବା ସହିତ ଏହାର ତଦନ୍ତ କରିଥିଲା । ତେବେ ବିଧାୟକଙ୍କ ବିରୋଧରେ ସୋମାଳିକା ଆଣିଥିବା ଅଭିଯୋଗ ଗୁଡିକ ମିଛ ଓ ଭିତ୍ତିହୀନ ବୋଲି ପୁଲିସ ଚୂଡାନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିଥିଲା । ଏ ସମ୍ପର୍କରେ କୋର୍ଟଙ୍କ ପକ୍ଷରୁ ଗତ କିଛିଦିନ ତଳେ ସୋମାଳିକାଙ୍କୁ ନୋଟିସ କରାଯିବା ସହିତ ଆଜି ପାଇଁ ହାଜର ହେବାକୁ କୁହାଯାଇଥିଲା । ସୋମାଳିକା ଆଜି ନିଜ ଓକିଲ ସହିତ କୋର୍ଟରେ ହାଜର ହୋଇ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ । ଏହି ମାମଲା ପରବର୍ତ୍ତୀ ଶୁଣାଣି ପାଇଁ ରହିଥିବା ସୂଚନା ମିଳିଛି ।

## ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ସେମିନାର



**ପାରାଦୀପ,୨୭।୨(ସମିସ):** ପାରାଦୀପ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନ୍ତଭାରତ ବିଭାଜନର ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଇତିହାସ ବିଭାଗର ପ୍ରାଧାପକ ତପନ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭାରତ ବିଭାଜନର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟ ର ଅଧକ୍ଷା ଡଃ ସସ୍ମିତା ଶତପଥୀ ପୌରହିତ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ କେପ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ବିଷୟ ବସ୍ତୁ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଇତିହାସ ବିଭାଗର +୩ ତୃତୀୟ ବର୍ଷ ଛାତ୍ରୀ ପୂଜାରାଣୀ ନାୟକ ଏକ ନିବନ୍ଧ ପାଠ କରିଥିଲେ । ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

**● ଗ୍ରାମବାସୀଙ୍କୁ ସଚେତନ କଲା ପୁଲିସ**

## ସନ୍ଦିଗ୍ଧଙ୍କୁ ଦେଖିଲେ ତୁରନ୍ତ ଖବର ଦିଅ

**ପାରାଦୀପ,୨୭।୨(ସମିସ):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ନୋଳିଆ ସାହି ପ୍ରାଥମିକ ବିଦ୍ୟାଳୟ ରେ ଆଜି ଅଭୟଚାନ୍ଦପୁର ଥାନା ପକ୍ଷରୁ ଥାନା ଅଧିକାରୀ ରାଜକିଶୋର ଦାସଙ୍କ ନେତୃତ୍ୱରେରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ ମାଧ୍ୟମରେ ନୋଳିଆ ସାହି ଅଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମଦ ପିଇବା ନାହିଁ କିମ୍ବା ମଦ ବିକ୍ରି କରିବା ନାହିଁ, ଏହା ସହିତ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା, ଅଯଥା ଗଣ୍ଡଗୋଳ କରିବା ନାହିଁ, ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଉପସ୍ଥିତ ଗ୍ରାମବାସୀମାନଙ୍କୁ କହିଥିଲେ । ଆଗକୁ ସାଧାରଣ ନିର୍ବାଚନ ଆସୁଛି, ନିଜକୁ ଏହି ଅସାମାଜିକ କାର୍ଯ୍ୟରୁ ଦୁରେଇ ରହିବା ଆବଶ୍ୟକ । ନୋଳିଆ ସାହି ଓ ଏହାର ଆଖପାଖ ଅଞ୍ଚଳ ସମୁଦ୍ର କୂଳିଆ ଗାଁ ହୋଇଥିବାରୁ କୌଣସି ପରିସ୍ଥିତିରେ ଅନୁପ୍ରବେଶ କାରୀ ଓ ସନ୍ଦିଗ୍ଧ ବ୍ୟକ୍ତିମାନେ ଅଞ୍ଚଳରେ ପଶି ଅରାଜକତା ସୃଷ୍ଟି ନକରନ୍ତି ସେଥିପ୍ରତି ନଜର ଦେବା ସହ ପୁଲିସକୁ ସଙ୍ଗେ ସଙ୍ଗେ ଖବର ଦେବାକୁ କୁହାଯାଇଥିଲା । ଥାନା ପକ୍ଷରୁ ଏଏସ୍‌ଆଇ ମାନସ କୁମାର ସାମଲ, କନେଷ୍ଟବଳ ପ୍ରବେଶ ମହାନ୍ତି, ସବ-ଇନ୍ସପେକ୍ଟର ଚିନ୍ମୟ ରଞ୍ଜନ ପାଣି, ମହିଳା ପୁଲିସ ସୁପ୍ରଭା ଦାସଙ୍କ ସହିତ ନୋଳିଆ ସାହିର କିଶୋର ଲାଲ ବେହେରା, ନୃସିଂହ ବେହେରା, ନରେନ୍ଦ୍ର ରାଓ, ଭାସ୍କର ବେହେରା, ପ୍ରମୋଦ ବେହେରା ଓ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପାଇଁ ଚିଠି



**ବିରିଡି,୨୭।୨(ସମିସ):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଉପାଧି ଦେବାକୁ ଅନେକ ସମୟରେ ବହୁ ସଂଗଠନ ଦାବି କରିଆସୁଛନ୍ତି । ବିରିଡି ବ୍ଲକର ଦୁଇ ବିଜେଡି ଦମ୍ପତି ପ୍ରତିମା ମହାରଣା ଓ ମନୋରଞ୍ଜନ ଓଝାଙ୍କ ସମେତ ବହୁ ସଂଖ୍ୟାରେ ଦସ୍ତଖତ ଥିବା ଜନସାଧାରଣଙ୍କ ପୋଷ୍ଟକାର୍ଡ ଚିଠିକୁ ଅଣଆଖିଆ ଡାକଘରର ଡାକବାକ୍ସରେ ପକାଇଥିଲେ । ଏଥିରେ ଶିବା ପ୍ରସାଦ ଦାସ , ସୁବ୍ରତ ପ୍ରଧାନ, ଅମିତ ରାଉଳ, ବିଶ୍ୱଜିତ ପାତ୍ର, ସାଗର ପଣ୍ଡା ଓ ଅନ୍ୟମାନେ ସାମିଲ ହୋଇ ପୋଷ୍ଟକାର୍ଡ ପ୍ରେରଣ କରିବାସହ ବିଜୁ ବାବୁଙ୍କୁ ଭରତ ରତ୍ନ ମିଳୁ ବୋଲି ଦାବି କରିଥିଲେ ।

## ମସ୍ତିଷ୍କ ଆଘାତରେ ଯୁବକଙ୍କ ପରଲୋକ

**ରଘୁନାଥପୁର,୨୭।୨ (ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡା ପଞ୍ଚାୟତ ଅଧିନ ଜଇପୁର ଗ୍ରାମର ଅଶୋକ କୁମାର ସାମଲ (୪୭)ଙ୍କର ସୋମବାର ସକାଳେ ପରଲୋକ ଘଟିଛି । ଘରୋଇ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅଶୋକଙ୍କୁ ସାତ ଦିନ ତଳେ ମସ୍ତିଷ୍କ ଆଘାତ ଜନିତ ରୋଗରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ମସ୍ତିଷ୍କର ଅସ୍ତ୍ରୋପଚାର କରାଯାଇଥିଲା । ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ମହାନଦୀ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଏକମାତ୍ର ୮ବର୍ଷର ପୁଅ ଆଦିତ୍ୟ ଅମର ସାମଲ ମୁଖାଗ୍ନି ଦେଇଥିଲେ । ତାଙ୍କ ପରୋଲୋକରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମାନସ ରଞ୍ଜନ ଦାସ, ନିରାକାର ଖୁଣ୍ଟିଆ, ବିଜୟ ସ୍ୱାଇଁ, ଅଲେଖ ନାଏକ, ତାରାକାନ୍ତ ଜେନା, ବିଜେଡି ଯୁବ ନେତା ଅନ୍ତର୍ଯ୍ୟାମୀ ସାମଲ, ବସନ୍ତ ମହାନ୍ତି, ଚଗଲା ଜେନା, ବ୍ଲକ ଡିଜିଟାଲ ସଂଯୋଜକ କୁଞ୍ଜବିହାରୀ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## ବ୍ରଜକିଶୋର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଏରସମା,୨୭।୨(ସମିସ):** ଏରସମା ବ୍ଲକ ଗଡବିସୁନପୁର ଖେଳ ପଡିଆଠାରେ ବ୍ରଜ କିଶୋର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଯୁବ ସମାଜସେବୀ ଆଦିତ୍ୟ ନନ୍ଦନ ଦାସ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । କ୍ରୀଡାବିତମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି, ସମସ୍ତେ ଭଲ ଖେଳିବାକୁ ମୁଖ୍ୟ ଅତିଥି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡ଼ି ଜିଲ୍ଲା ଉପ ସଭାପତି ବୈଦ୍ୟନାଥ ବିଶ୍ୱାଳ, ପଞ୍ଚାୟତ ଯୁବ ବିଜେଡି ନେତା ଗଗନ ଗୁରୁ, ପ୍ରତାପ ସ୍ୱାଇଁ, ପ୍ରେମାନନ୍ଦ ମଲ୍ଲିକ, ପଗନ୍ ପଲେଇ ପ୍ରମୁଖ ଯୋଗଦେଇ କ୍ରିକେଟ୍ ପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ । ଉତ୍ତମ ସ୍ୱାଇଁ, ସୁବ୍ରତ ସ୍ୱାଇଁ, ବଳରାମ ଦାସ, ସୋମୀ ପ୍ରଧାନ, ବଟୁ ମଲ୍ଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହୋଯୋଗ କରିଥିବା ବେଳେ ଚକ୍ରଧର ମଳିକ, ବଳରାମ ମଳିକ ଖେଳ ପରିଚାଳନା କରିଥିଲେ ।



# ମିଶନ ଶକ୍ତି ମା'ମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ






**ବାଲିକୁଦା,୨୭।୨(ସମିସ)**

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମିଶନ ଶକ୍ତି ସୁଧ ଛାଡ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଶନଶକ୍ତି ବ୍ଲକ ବିପିସି ସତ୍ୟାର୍ଥ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଦାସ, ଅରିଲୋ ସରପଞ୍ଚ ପ୍ରଶାନ୍ତ କୁମାର ବାରିକ, ବ୍ଲକ ସିଡିପିଓ, ୟୁକୋ ବ୍ୟାଙ୍କ ଓ ଏସ୍‌ବିଆଇ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଯୋଗ ଦେଇଥିଲେ । ଆଭାସୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇଥିବା ଋଣର ସୁଧ ଛାଡ଼ ଯୋଜନା, ସେମାନଙ୍କ ଡ୍ରେସ କୋଡର୍ ପାଇଁ ଏକ ହଜାର ଟଙ୍କା ଅର୍ଥ ରାଶି ଓ ମହିଳା ମହାସଂଘର କାର୍ଯ୍ୟକାରୀ କମିଟି ସଦସ୍ୟାଙ୍କ ବ୍ଲେଜର ପାଇଁ ୨ହଜାର ଟଙ୍କା ଅର୍ଥରାଶିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିଥିମାନେ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଛାଡ଼ ବାବଦ ଚେକ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ଦୀପକ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଦେଇଥିବା ବେଳେ ବ୍ଲକର ସମସ୍ତ ଏମବିକେ, ସିଆରପିଙ୍କ ସହ ୬୦୦ରୁ ଉର୍ଦ୍ଧ୍ୱ ସଦସ୍ୟା ଯୋଗ ଦେଇଥିଲେ ।

**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ ମିଶନଶକ୍ତିର ୧୬୭୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୦ଲକ୍ଷ ୭୦ହଜାର ସୁଧ ଫେରସ୍ତ ସହାୟତା ପ୍ରଦାନ କରାଯାଇଛି । ସିଡିପିଓ ମାଳତୀ ମାରାଣ୍ଡି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁନୀଲ ବେହେରା, ରୀତା ସିଂ, ବିଡିଓ ତପନ କୁମାର ସେନାପତି, ଏବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମିଶନ ଶକ୍ତି ମା'ମାନଙ୍କ ପାଇଁ ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ପରେ ଅତିଥି ମାନେ ମିଶନଶକ୍ତି ଅଧିନ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ ସହାୟତା ଚେକ ପ୍ରଦାନ କରିଥିଲେ । ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ଅନ୍ୟାନ୍ୟା ବ୍ୟାଙ୍କର ଶାଖା ପରିଚାଳକ ମାନେ ଉପସ୍ଥିତ ଥିଲେ । ମିଶନଶକ୍ତିର ବିପିସି ତ୍ରୈଲକ୍ୟ ମଲ୍ଲ, ବିପିଏ ମାଳବିକା ବେହେରା, ବିନୋଦ କୁମାର ଭୂୟାଁ, ରଶ୍ମିରଞ୍ଜନ ବେହେରା, ସରୋଜିନୀ ବାରିକ, ସାଗରିକା ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଜ୍ୟୋତି ଫେଡେରସନ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ଏଲଏସପି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଓଡିଶା ଜୀବିକା ମିଶନ ତିର୍ତ୍ତୋଲର ବିପିଏମ କଳ୍ପନା ଦଳାଇ ଧନ୍ୟବାଦ ଦେଇଥିଲେ ।

### ଡିବିରି ଆଲୁଅରେ ୩୫ ପରିବାରର ଜୀବନ

# ବିଦ୍ୟୁତ୍ ତାର ଚୋରି ପରେ ସମ୍ପୂର୍ଣ୍ଣ ଅନ୍ଧାରରେ ଗାଁ

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁରା କାଟେଣୀ ପଞ୍ଚାୟତର ରଙ୍ଗମାଟିଆ ଗ୍ରାମଟି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି । ଗ୍ରାମବାସୀଙ୍କୁ ଚଳିବା ପାଇଁ ସରକାରଙ୍କ ତରଫରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା । ମାତ୍ର କିଛି ଦୁର୍ବୃତ୍ତ ବିଦ୍ୟୁତ ତାର କାଟି ନେବା ଫଳରେ ଗ୍ରାମଟି ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହିଛି ।



ରଙ୍ଗମାଟିଆ ଗ୍ରାମରେ ପ୍ରାୟ ୩୫ଗୋଟି ପରିବାର ବସବାସ କରୁଛନ୍ତି । ଗ୍ରାମବାସୀଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଦ୍ୟୁତ ସେବା ମଧ୍ୟ ଯୋଗାଇ ଦିଆଯାଇଛି । ଗତ କିଛିଦିନ ତଳେ କିଛି ଅସାଧୁ ବ୍ୟକ୍ତିଙ୍କ ପାଇଁ ସମଗ୍ର ଗାଁଟି ଅନ୍ଧାର ଭିତରେ ରହିଛି । ଦୁର୍ବୃତ୍ତମାନେ ବିଦ୍ୟୁତ ତାର ଚୋରି କରି ନେଇଯିବା ଯୋଗୁଁ ଗାଁକୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ବର୍ତ୍ତମାନ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କ ପାଇଁ ଏହା ବଡ଼ ସମସ୍ୟା ଭାବେ ଛିଡ଼ାହୋଇଛି । ଅନେକ ଛାତ୍ରଛାତ୍ରୀ ବିଦ୍ୟୁତ ନଥିବା ଯୋଗୁଁ ପାଠ ପଢ଼ାରୁ ବଞ୍ଚିତ ରହିଛନ୍ତି । ଡିଜିଟାଲ ଯୁଗରେ ବି ଡିବିରି ଆଲୁଅରେ ସେମାନଙ୍କୁ ପାଠ ପଢ଼ିବାକୁ ପଡୁଛି । ଯାହା ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ସେମାନେ ଅଧିକ ଟଙ୍କା ଖର୍ଚ୍ଚ କରି ଡିବି ପାଇଁ ତେଲ କିଣିବାକୁ ମଧ୍ୟ ସକ୍ଷମ ନୁହନ୍ତି । ମାଘ ମାସରେ ଧୀରେ ଧୀରେ ସୂର୍ଯ୍ୟଙ୍କ ଉତ୍ତାପ ବଢ଼ିବା ଯୋଗୁଁ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଅସହ୍ୟ ଗୁଳୁଗୁଳିରେ ଜୀବନ ବିତାଇବାକୁ ପଡୁଛି । ଯାହା ଆଗାମୀ ଦିନରେ ଆହୁରି ଅସହ୍ୟ କରିବ । ଦୁର୍ଗମ ଅରଣ୍ୟ ଭିତରେ ବନ୍ୟ ପଶୁପକ୍ଷୀଙ୍କ ଭୟ ଭିତରେ କଅଁଳ କଅଁଳ ଛୁଆମାନଙ୍କୁ ଧରି ଜୀବନ ବିତାଉଥିବା ୩୫ଗୋଟି ପରିବାର ଏବେ ବିଦ୍ୟୁତ୍ ସେବା ପାଇଁ ଛଟପଟ ହେଉଛନ୍ତି । ଏହାକୁ ନେଇ ଗ୍ରାମବାସୀ କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଦୁଃଖ ଦୁର୍ଦ୍ଦଶାରେ ଅନ୍ଧାର ଭିତରେ କାଳାତିପାତ କରୁଥିବା ରଙ୍ଗମାଟିଆ ଗ୍ରାମବାସୀଙ୍କୁ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଦାବି ହୋଇଛି ।

## ଯୁବକ ନିଖୋଜ; ଥାନାର ଦ୍ୱାରସ୍ଥ ହେଲେ ପତ୍ନୀ

ମହାବିରୋଡ, ୨୭ ।୨ (ସମିସ) କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ମକୁଆକାଟେଣି ପଞ୍ଚାୟତ ପଥରକଟା ଗ୍ରାମର କାଳନ୍ଦୀ ମୁଣ୍ଡା (୩୭) ଅନୁଗୋଳକୁ ଚଳିତ ମାସ ୨୨ ତାରିଖରେ ଗାଁର ଜଣେ ଲୋକଙ୍କ ସହିତ ଏକ ଘରୋଇ କମ୍ପାନୀରେ କାମ କରିବା ପାଇଁ ଯାଇଥିଲେ ।



ସାଙ୍ଗରେ ଗାଁରୁ ଯାଇଥିବା ବ୍ୟକ୍ତି ନିଜ କର୍ମ ସ୍ଥାନରୁ ଆସି ଦେଖିଲେ କାଳନ୍ଦୀ ଘରେ ନଥିଲେ । ସେ ବହୁତ ଖୋଜାଖୋଜି କଲାପରେ କୌଣସି ସନ୍ଧାନ ପାଇଲେ ନାହିଁ । କାଳନ୍ଦୀ କେଉଁଆଡେ ଚାଲିଯାଇଥିବା ଖବର ଘରଲୋକଙ୍କୁ ଦେଇଥିବା ଘର ଲୋକମାନେ କହିଛନ୍ତି । ଏନେଇ କାଳନ୍ଦୀଙ୍କ ପତ୍ନୀ ରାଧି ମୁଣ୍ଡା ୨୬ ତାରିଖରେ କଙ୍କଡାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ଘରୁ ଗଲା ବେଳେ ଗୋଲାପୀ ସାର୍ଟ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । କାଳନ୍ଦୀ ନିଖୋଜ ହେଇଯାଇଥିବାରୁ ଘରେ ପତ୍ନୀ, ପରିବାର ଲୋକ ଭାଙ୍ଗିପଡ଼ିଛନ୍ତି । ଅସହାୟ ପତ୍ନୀ ସ୍ୱାମୀଙ୍କୁ ସୁରକ୍ଷିତ ଫେରେଇ ଆଣିବା ପାଇଁ କଙ୍କଡାହାଡ଼ ଥାନାରେ ଆଶ୍ରୟ ନେଇଛନ୍ତି । କାଳନ୍ଦୀ ଜଣେ ଆଦିବାସୀ ସମ୍ପ୍ରଦାୟର ଦିନମଜୁରିଆ ହେଇଥିବା ବେଳେ ଘରେ ପତ୍ନୀ ଓ ଚାରି ଜଣ ସନ୍ତାନ ତାଙ୍କ ଉପରେ ନିର୍ଭରଶୀଳ । ସେ ଏବେ ନିଖୋଜ ଥିବାରୁ ୫ ପ୍ରାଣୀ କୁଟୁମ୍ବ ଚିନ୍ତାରେ । ଏ ସମ୍ପର୍କରେ କଙ୍କଡାହାଡ଼ ଥାନା ଏସଆଇ ଦାମୋଦର ସାହୁଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି ନିଖୋଜ ହେଇଥିବା ଏକ ମାମଲା ରୁଜୁ ହେଇ ତଦନ୍ତ ଜାରିଅଛି ।

## ରୋଷେଇ ବେଳେ ଲାଗିଲା ନିଆଁ; ଅଳ୍ପକେ ବର୍ତ୍ତିଲେ ପାଚିକା

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଗଦାଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ରୋଷେଇ ଗ୍ୟାସରେ ନିଆଁ ଲାଗିଯାଇଥିବା ବେଳେ ଅଳ୍ପକେ ପାଚିକା ଓ ଅନ୍ୟମାନେ ରକ୍ଷାପାଇ ଯାଇଛନ୍ତି ।

ଗଦାଶିଳା ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ଖାଇସାରିବା ପରେ ହଠାତ୍ ରୋଷେଇ ଘରେ ଥିବା ଗ୍ୟାସରେ ନିଆଁ ଲାଗିଯାଇଥିଲା । ଫଳରେ ପ୍ରବଳ ଧୂଆଁ ବାହାରିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଜାଣିପାରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ବାହାରକୁ ଛାଡ଼ିଦେଇଥିଲେ । ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୂଚନାରୁ ଜଣାପଡ଼ିଛି ଯେ, ଗ୍ୟାସ ପାଇପଟି ଖୋଲିଯିବାରୁ ସେଥିରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ସମୟରେ ସେଠାରେ କେହି ନ ଥିବାରୁ ବଡ଼ଧରଣର ବିପତ୍ତିରୁ ରକ୍ଷା ମିଳିଛି । ବିଭିନ୍ନ ବିଦ୍ୟାଳୟରେ ଗ୍ୟାସ ବ୍ୟବହାର କରାଯାଉଥିବା ବେଳେ ନିରାପତ୍ତା ବ୍ୟବସ୍ଥା କିମ୍ବା ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି ।

## ମନରେଗାରେ ୨.୭୦ ଲକ୍ଷ ଟଙ୍କାର ମିଥ୍ୟା ବିଲ୍

### ଜିଲ୍ଲାପାଳଙ୍କ ନିକଟରେ କୋଟଗରା ଗ୍ରାମବାସୀଙ୍କ ଅଭିଯୋଗ

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କୋଟଗରା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମର୍ଗୋ)ରେ ୨ଲକ୍ଷ ୭୦ ହଜାର ଟଙ୍କାର ମିଥ୍ୟା ବିଲ୍ କରି ଚଞ୍ଚକତା କରିଥିବା ଘଟଣାକୁ ନେଇ କୋଟଗରା ପଞ୍ଚାୟତର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବାର ଜଣାପଡ଼ିଛି ।

କାମାକ୍ଷାନଗର ବ୍ଲକର କୋଟଗରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାରିମାଳ ମହାବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଠିକ୍ ସେହି ସମୟରେ ମହାବିଦ୍ୟାଳୟର ବାର୍ଷିକ ଖେଳ ଥିବାରୁ ମହାବିଦ୍ୟାଳୟର ଅଧକ୍ଷ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ କଥା ହୋଇ ମହାବିଦ୍ୟାଳୟର ଟଙ୍କାରୁ ୫-୬ ଘଣ୍ଟା ଜେସିବି ମେସିନ୍ ଲଗାଇ ମହାବିଦ୍ୟାଳୟର ଖେଳ ପଡ଼ିଆକୁ ସଫା କରିଥିଲେ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହାର ସୁଯୋଗ ନେଇ କୋଟଗରା ଗ୍ରାମପଞ୍ଚାୟତର ସରପଞ୍ଚ ସୁଲୋଚନା ଦଳେଇ ପଞ୍ଚାୟତ ଜିଆଇଏସଙ୍କୁ ଚାପ ପକାଇ ମିଛରେ ୭୩ ଜଣ ଶ୍ରମିକଙ୍କ ୪ ସପ୍ତାହ କାମ କରିଛନ୍ତି ବୋଲି ଦର୍ଶାଇ ମୋଟ ୨ ଲକ୍ଷ ୭୦ ହଜାର ଟଙ୍କା ହଡ଼ପ କରିଛନ୍ତି ବୋଲି ଗ୍ରାମବାସୀମାନେ ଜାଣିବାକୁ ପାଇଥିଲେ । ମଷ୍ଟର ରୋଲରେ ଶ୍ରମିକଙ୍କ ମଜୁରୀ ପଇଠ କରିବାକୁ ହେଲେ ଜିଆରଏସ୍, ଗ୍ରାମସାଥୀ, ଜେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଦସ୍ତଖତ ପରେ ପଞ୍ଚାୟତ ଡଙ୍ଗଲରୁ ସରପଞ୍ଚ ନିଜେ ଶ୍ରମିକ ମଜୁରି ବଣ୍ଟନ କରିବା କଥା । ଯେହେତୁ ଡଙ୍ଗଲଟି ସରପଞ୍ଚଙ୍କ ନିଜ ନାମରେ ଜାରି ହୋଇଛି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ସମସ୍ତ ପଦାଧିକାରୀଙ୍କ ଦସ୍ତଖତ ନ ଥାଇ କୋଟଗରା ସରପଞ୍ଚଙ୍କୁ ମଷ୍ଟର ରୋଲର ବିଲ୍ ପାସ୍ କରାଯାଇଥିବାର ଜଣାପଡ଼ିଛି । ତଥ୍ୟ ପ୍ରମାଣକୁ ଭିତ୍ତିକରି କୋଟଗରା ଗ୍ରାମପଞ୍ଚାୟତର ସରପଞ୍ଚ ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରି ଏବଂ କ୍ଷମତାର ଅପବ୍ୟବହାର କରି ସରକାରୀ ଟଙ୍କାକୁ ଆତ୍ମସାତ୍ କରିଥିବାରୁ ତାଙ୍କୁ ତୁରନ୍ତ ପଦବିରୁ ବହିଷ୍କାର କରାଯାଇ ସମସ୍ତ ଟଙ୍କା ଆଦାୟ କରିବାକୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଏକ ନକଲ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ କାମାକ୍ଷାନଗର ବିଡିଓଙ୍କୁ ପ୍ରଦାନ କରାଯାଇଛି ।

## ବାରୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାର୍ଥାପୁର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ ବାରୁଆଁ ବି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଦୁଃଶାସନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବୀଣାପାଣି ସାହୁ ମୁଖ୍ୟଅତିଥି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆରସିସି ଅମରେଶ ଦାଶ ମୁଖ୍ୟବକ୍ତା ଏବଂ ସମାଜସେବୀ ବିନୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ପରିଡ଼ା , ଉପ-ସଭାପତି ଶ୍ରୀକାନ୍ତ କୁମାର ଦାସ, ସଭ୍ୟା ସବିତା ସେଠୀ, ବିଦ୍ୟୁତ୍ ପ୍ରଭା ଦାସ, ଜ୍ୟୋସ୍ନା ରାଣୀ ରାଉତ, ବିଦ୍ୟାଧର ସାହୁ, ଅଶେଷ କୁମାର ସାହୁ, ମାଧବ ଚନ୍ଦ୍ର ବେହେରା, ବିନାୟକ ମିଶ୍ର, ସିଆରସିସି ମଣିବ୍ରତ ଦାସ, ଅଜୟ କୁମାର ରାଉତ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଉତ୍କଳମଣି ବେହେରା, ଶିକ୍ଷକ ପ୍ରକାଶ କୁମାର ବେହେରା, ଗୀତାଞ୍ଜଳି ଆଚାର୍ଯ୍ୟ, ମାନସୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରେଷ୍ଠ ଛାତ୍ରୀ ସୁଶ୍ରୀ ସୌମ୍ୟା ସୁଚରିତା ଦାସ, ମେଧାବୀ ଛାତ୍ରୀ ସୁଶ୍ରୀ ସୁଚିସ୍ମିତା ଆଚାର୍ଯ୍ୟଙ୍କ ସମେତ ସମସ୍ତ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।




## ରେଲୱେ ଟ୍ରାକ୍‌ରେ ଯୁବକଙ୍କ ଗୋଡ଼ କଟିଲା

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଗ୍ରାମ ନିକଟ ରେଲୱେ ଟ୍ରାକ ଉପରେ ପଡ଼ି ଯୁବକଙ୍କ ଗୋଡ଼ କଟିଯାଇଥିବାର ଜଣାପଡ଼ିଛି । ଗୁନେଇବିଲି ଗ୍ରାମର ଜିତେନ୍ଦ୍ର ଭୋଇ (୨୯) କୌଣସି କାର୍ଯ୍ୟରେ ରେଲୱେ ଟ୍ରାକ ଉପରକୁ ଆସିଥିଲେ । ସେଠାରେ ଗୋଡ଼ କଟିଯିବାରୁ ତାଙ୍କୁ ଗୁରୁତର ଭାବରେ କାମାକ୍ଷାନଗର ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି ।

## ଇସ୍ତଫା ଦେଲେ ଜିଲ୍ଲା ବିଜେଡି ଉପସଭାପତି

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲା ବିଜେଡି ଉପସଭାପତି ପଦରୁ ସୁଧାଂଶୁ କୁମାର ଦଳେଇ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ବ୍ୟକ୍ତିଗତ କାରଣରୁ ସେ ତାଙ୍କର ଇସ୍ତଫା ପତ୍ରକୁ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି । ସେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତାରୁ ମଧ୍ୟ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ସେ ଏ ସଂକ୍ରାନ୍ତରେ ଜିଲ୍ଲା ସଭାପତି ଡକ୍ଟର ନୃସିଂହ ଚରଣ ସାହୁଙ୍କୁ ମଧ୍ୟ ଜଣାଇଛନ୍ତି ।

### ପାରିବାରିକ ତିକ୍ତତାରୁ ମାଡ଼ମାରିବା ଘଟଣା

## ୯ ବର୍ଷ ପରେ ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଗଁଦିଆ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ଗତ ୨୦୧୫ ମସିହାରେ ପାରିବାରିକ ତିକ୍ତତାରୁ ମାଡ଼ ମାରିବା ଘଟଣାର ବିଚାର କରି ୩ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିବା ଜଣାପଡ଼ିଛି ।

ଗଁଦିଆ ଅଞ୍ଚଳର ନିରଞ୍ଜନ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ଏବଂ ସତ୍ୟାନନ୍ଦ ପ୍ରଧାନ ଗତ ୨୦୧୫ମସିହା ମାର୍ଚ୍ଚ ୩ ତାରିଖଦିନ ଅଭିଯୋଗକାରୀ ସୁଧାକର ପ୍ରଧାନ ଘରକୁ ଫେରିଥିଲେ । ଘରକୁ ଫେରି ଦେଖିବାକୁ ପାଇଲେ ଯେ, ତାଙ୍କ ଘର ତାଲା ପଡ଼ିଛି ଏବଂ ପୂର୍ବରୁ ଅପେକ୍ଷା କରିଥିବା ଅଭିଯୁକ୍ତମାନେ ଜମିବାଡ଼ି ବିବାଦକୁ ନେଇ ତାଙ୍କୁ ମାଡ଼ମାରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଅଭିଯୋଗକାରୀ ଜୀବନ ବିକଳରେ ସେ ଜାଗାରୁ ଫେରିଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ, ଯାହାକି ପରେ ଗଁଦିଆ ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟଙ୍କ କୋର୍ଟରେ ଜି, ଆର ୨୨୨/୨୦୧୫ରୂପେ ବିଚାରାଧୀନ ଥିଲା । ବର୍ତ୍ତମାନ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିବାରୁ ଏବଂ ଉଭୟେ ଉଭୟଙ୍କର ପାରିବାରିକ ସମ୍ପର୍କୀୟ ହୋଇଥିବାରୁ ତଥା ଦୋଷୀମାନଙ୍କର ଅର୍ଥନୈତିକ ପରିସ୍ଥିତି, ସାମାଜିକ ଅବସ୍ଥା ଓ ବୟସକୁ ଦୃଷ୍ଟିରେ ରଖି କୋର୍ଟ ଉପରୋକ୍ତ ଅଭିଯୁକ୍ତଙ୍କୁ କଡ଼ା ଶବ୍ଦରେ ଭର୍ତ୍ସନା କରିଥିଲେ । ଏହି ଘଟଣାରେ ପ୍ରୋବେସନ ଅଫେଣ୍ଡର୍ସ ଆକ୍ଟର ଧାରା ୩ଅନୁଯାୟୀ ସେମାନେ କୌଣସି ଦଣ୍ଡ ନ ଭୋଗୀ ଆଇନର କଡ଼ା ନିରୀକ୍ଷଣରେ ରହିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଉଭୟ ଅଭିଯୋଗ କାରୀ ଏବଂ ଅଭିଯୁକ୍ତମାନେ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି । ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ ।

## ଗରୁଡ଼ ପକ୍ଷୀ ଉଦ୍ଧାର



ମାର୍ଥାପୁର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ତଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବନ ବିଭାଗ ଆଜି ଏକ ଗରୁଡ଼ ପକ୍ଷୀ ଉଦ୍ଧାର କରିଛି । ଆଜି ସକାଳ ୯ଟା ବେଳେ ପିଲାମାନେ ସ୍କୁଲ ପରିସର ସଫେଇ କଲାବେଳେ ଗରୁଡ଼ ପକ୍ଷୀଟିକୁ ଦେଖି ଶିକ୍ଷକମାନଙ୍କୁ ଜଣାଇଥିଲେ । ପରେ ବନ ବିଭାଗର ଫରେଷ୍ଟର ସରୋଜ କୁମାର ବେହେରାଙ୍କ ଉପସ୍ଥିତିରେ ସ୍କ୍ୱାଡ ରାଜୀବଲୋଚନ ବିନ୍ଧାଣି, ପ୍ରଦୀପ୍ତ ମଲିକ, ଚକ୍ରଧର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରି ଭଏରପୁର ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି ।

## ରାମେଶ୍ୱରପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ରାମେଶ୍ୱରପୁର ଠାରେ ପ୍ରଥମ ବର୍ଷ ଅଷ୍ଟପ୍ରହରୀ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଶାସନ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ୨୦ ଉର୍ଦ୍ଧ୍ୱ ଭକ୍ତମାନେ ବାଦ୍ୟ ସଂକୀର୍ତ୍ତନ ଦ୍ୱାରା ସହର ପରିକ୍ରମା କରିଥିଲେ । କୁଞ୍ଜରେ ଠାକୁରଙ୍କୁ ସ୍ଥାପିତ କରାଯାଇ ଅଖଣ୍ଡ ଦୀପ ଓ ଅଧିବାସ ପୂଜା ଆରମ୍ଭ ହୋଇଥଲା । ପୂଜକ ଜଗନ୍ନାଥ ତ୍ରିପାଠୀ, କର୍ତ୍ତା ବିଭାସ ଚନ୍ଦ୍ର ପୁହାଣ, ସଭାପତି ସଂଗ୍ରାମ କେଶରୀ ପାଣି, ସମ୍ପାଦକ ସନ୍ତୋଷ କୁମାର ସାହୁ, ମୁଖ୍ୟ ଉଦ୍ୟକ୍ତା ଟିଟୁ ସାହୁ, ଜଗନ ସାହୁ, ଗଣନାଥ ସାହୁ, ବିରବର ରାଉତ, ଅଶୋକ ସାହୁ, ସୁବ୍ରତ ବେହେରା, ଲିପୁ, ଅଜୟ ନାୟକ, ସୁବ୍ରତ ମହାକୁଡ଼, ପ୍ରଶାନ୍ତ ରାଉତ, ପ୍ରଭାତ ସାହୁ, ସଞ୍ଜୀବ ସିଂ ଓ ଭକ୍ତ ଏବଂ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ପ୍ରଥମ ବର୍ଷ ଅଷ୍ଟପ୍ରହରୀ ନାମଯଜ୍ଞ କଳସ ଯାତ୍ରା କରାଯାଇଥିଲା ।

### ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟ

# ଡାକ୍ତରଙ୍କ ଅବସରକୁ ନେଇ ଚିନ୍ତାରେ ରୋଗୀ

ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ରଥଗଡ଼ାସ୍ଥିତ ପୌରସଂସ୍ଥା ଅଧୀନରେ ଥିବା ଦାତବ୍ୟ ହୋମିଓ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତର ଚାକିରିରୁ ଅବସର ନେବା ପରେ ଏଠାରେ ଚିକିତ୍ସା ସେବା କିପରି ଚାଲିବ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟବାସୀଙ୍କୁ ଉନ୍ନତମାନର ସେବା ଯୋଗାଇଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଢେଙ୍କାନାଳ ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟରେ ଏହାର ବିପରିତ ଦିଗ ଦେଖାଦେଇଛି । ବହୁ ବର୍ଷ ପରେ ହୋମିଓ ଚିକିତ୍ସାଳୟ ନିଜସ୍ୱ ଗୃହ ପାଇଥିବା ବେଳେ ଏବେ ତାହା ବନ୍ଦ ହେବାକୁ ଯାଉଛି । ସୂଚନା ଅନୁଯାୟୀ, ରଥଗଡ଼ାରେ ଥିବା ଢେଙ୍କାନାଳ ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ସହରବାସୀ ନିର୍ଭରଶୀଳ । ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ରବୀନ୍ଦ୍ରନାଥ ରାଏ ଦୀର୍ଘ ବର୍ଷ ହେବ ରୋଗୀସେବା କରିଆସୁଥିବା ବେଳେ ଚଳିତ ମାସ ୨୮ ତାରିଖରେ ଅବସର ନେବାକୁ ଯାଉଛନ୍ତି । ତେବେ ଏନେଇ ନୂତନ ଡାକ୍ତର ନିଯୁକ୍ତ ବ୍ୟବସ୍ଥା କରି ପାରିନାହିଁ ପୌରପୋଳିକା । ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ କିପରି ଚିକିତ୍ସା ପାଇବେ, ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।




● ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ

## ୯୩୨ ଏସ୍‌ଏସ୍‌ଜି ଗ୍ରୁପ୍‌କୁ ୩୭ ଲକ୍ଷ



ମହାବିରୋଡ଼, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଠାରେ ବ୍ଲକସ୍ତରୀୟ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି କଙ୍କଡାହାଡ଼ ବ୍ଲକସ୍ତରୀୟ ସୁଧ ଫେରସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକର ୨୧ ଟି ପଞ୍ଚାୟତର ୯୩୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୭.୫ ଲକ୍ଷ ଟଙ୍କା ସୁଧ ଫେରସ୍ତ ପାଇଁ ଅର୍ଥ ମଞ୍ଜୁର ହେଇଛି । ଏହି ମେଳାରେ ବ୍ଲକର ୫୦ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଅନ୍ୟ ୮୮୨ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଏକାଉଣ୍ଟରେ ମଞ୍ଜୁର ହୋଇଥିବା ଟଙ୍କା ଦିଆ ଯାଇଛି । ପୂର୍ବରୁ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବ୍ୟାଙ୍କରୁ ଋଣ ଦିଆଯାଇଥିଲା ସେମାନଙ୍କଠାରୁ ନିଆଯାଇଥିବା ସୁଧ ମେଳା ମାଧ୍ୟମରେ ଫେରସ୍ତ କରାଯାଇଥିଲା । ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଆଲୋଚନା ହେଉଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ନାୟକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କବିତା ଦାସ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ସଂଯୋଜିକା ଅନ୍ନପୂର୍ଣ୍ଣା ସାହୁ ପରିଚାଳନା କରିଥିଲେ ।

## ମିଶନ ଶକ୍ତି ପାଇଁ ବିଭିନ୍ନ ଯୋଜନାର ଶୁଭାରମ୍ଭ




ଓଡାପଡ଼ା, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକରେ ମିଶନଶକ୍ତି ପାଇଁ ବିଭିନ୍ନ ଯୋଜନାର ଶୁଭାରମ୍ଭ ହୋଇଛି । ଓଡାପଡ଼ା ବ୍ଲକ ପରିସରରେ ଓଡାପଡ଼ା ଅଞ୍ଚଳର ସମସ୍ତ ମିଶନଶକ୍ତି ମାଆମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଭିଡିଓ କନଫରେନସ ମାଧ୍ୟମରେ ଦେଖିଥିଲେ । ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ, ପୂର୍ବରୁ ଦିଆଯାଇଥିବା ଋଣ ଟଙ୍କାର ସୁଧ ଫେରସ୍ତ, ୧ହଜାର ଟଙ୍କା ଲେଖାଏଁ ୟୁନିଫର୍ମ ଭତ୍ତା ଓ ଇସିଏ ସଭ୍ୟାମାନଙ୍କୁ ୨ହଜାର ଟଙ୍କା ଲେଖାଏଁ ବ୍ଲେଜର ଭତ୍ତା ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଓ ଦୁଇ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ଏବଂ ଓଡାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି ନାରୀଶକ୍ତିର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ଶକ୍ତିମା ବିଷ୍ଣୁପ୍ରିୟା ଇନ୍ଦିପୁର, କଲ୍ୟାଣମୟ ସଞ୍ଚୟ ସମିତି ଖୁଣ୍ଟଝରି ସମେତ ମୋଟ ୩୦ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧଛାଡ ଟଙ୍କାକୁ ଚେକ ଆକାରରେ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।

## ପାଚିକା ସହାୟିକା ସଂଘର ବିକ୍ଷୋଭ

ଢେଙ୍କାନାଳ, ୨୭ ।୨ (ସମିସ): ନିଖିଳ ଓଡ଼ିଶା ଏମ୍ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ୧୨ଦଫା ଦାବି ନେଇ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ ସଭା କରାଯାଇଛି । ଓଡ଼ିଶା ଏମ୍ଡିଏମ୍ ପାଚିକା ସଂଘ ଜିଲ୍ଲା ସଭାପତି ରବି ରଥଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସଂଘର ସଭାପତି ରବି ରଥ ଏହି ଦାବିପତ୍ରରେ ଜଣାଇଛନ୍ତି ଯେ, ପାଚିକା ସହାୟିକାମାନେ ଘୋର ଆର୍ଥିକ ଅନାଟନରେ ଶିକାର ହୋଇ ୨ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛନ୍ତି । ସେମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯିବା ସହିତ ୧୨ ଦଫା ଦାବି ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରାଯାଇଛି ।

## ବ୍ଲକସ୍ତରୀୟ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଓ ଏନଏସି ସ୍ତରୀୟ ସୁଧ ଫେରସ୍ତ କାର୍ଯ୍ୟକ୍ରମ ସାରଙ୍ଗଧର ଷ୍ଟାଡିୟମ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ୮୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫ ଲକ୍ଷ ୫୭୮୫୦ ଟଙ୍କା ସୁଧ ଫେରସ୍ତ ପାଇଁ ଅର୍ଥ ମଞ୍ଜୁର ହେଇଛି । ପୂର୍ବରୁ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବ୍ୟାଙ୍କରୁ ଋଣ ଦିଆ ଯାଇଥିଲା । ସେମାନଙ୍କ ଠାରୁ ନିଆଯାଇଥିବା ସୁଧ ଆଜି ମେଳା ମାଧ୍ୟମରେ ଫେରସ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଡିଓ ଅବିନାଶ ପାଣ୍ଡିଆ ପରିଚାଳନା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ଉପାଧ୍ୟକ୍ଷା ରଞ୍ଜିତା ବିଶ୍ୱାଳ, ବିପିଏମ ମିଶନ ଶକ୍ତିର ଦିନେସ ମହାରଣା, ବିପିସି ମିଶନ ଶକ୍ତିର ମୌସୁମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

● କାମାକ୍ଷାନଗର ଅବକାରୀ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ

## ୫ରୁ ଅଧିକ ମୋଟର ସାଇକଲ ଜଳିଗଲା

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅବକାରୀ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟି ଅବକାରୀ ବିଭାଗ ଦ୍ୱାରା ଜବତ ହୋଇଥିବା ୫ରୁ ଅଧିକ ମୋଟର ସାଇକଲ ଜଳିପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କାର୍ଯ୍ୟାଳୟ ପଛପାଖରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା । ଏହି ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଚାଁହୁ ଚାଁହୁ ପାଖରେ ଥିବା ଜବତ ମୋଟର ସାଇକଲ ସ୍ଥାନକୁ ବ୍ୟାପି ଯାଇଥିଲା । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା ଜାରି ରଖିଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।



● ଟାଟା ପାୱାରର କମାଲ୍

# ପ୍ରିପେଡ୍ ମିଟର ବିଲ୍ ସରିବାରୁ ଜଳ ଯୋଗାଣ ବନ୍ଦ

**ରାଜକନିକା, ୨୭।୨(ସମିସ):**

ବିଜୁଳି ବିଲ୍ ଭରିବାକୁ ଟାଟା ପାୱାର ଏବେ ପ୍ରିପେଡ ମିଟର ଲଗାଇଛି। ଆଉ ପ୍ରଥମେ ଏହି ବ୍ୟବସ୍ଥା ଜଳଯୋଗାଣ ଓ ପାନୀୟ ଜଳ ବିଭାଗ ଉପରେ ଲାଗୁ ହେବାରୁ ଏଥିରେ ସିଧାସଳଖ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ରାଜକନିକା ବ୍ଲକର ତ୍ରୈଲୋକ୍ୟପୁର ଓ କାଟଣାବଣିଆ ପଞ୍ଚାୟତରେ ଦୁଇ ଦିନ ହେବ ଜଳଯୋଗାଣ ବନ୍ଦ ରହିଛି। ତ୍ରୈଲୋକ୍ୟପୁର ପଞ୍ଚାୟତର ଆୟତନଠାରେ ଥିବା ସ୍ବଜଳଧାରା ଯୋଜନାର ପାଣିଟାଙ୍କିରେ ବିଜୁଳି କଟିବାରୁ ଆୟତନ, ବାଦରଜା, ମେଘପୁର, ରାଉତବର୍ତ୍ତନୀ ଭଳି ଗାଁ ଏବଂ କାଟଣାବଣିଆର ଗାରଡ଼ପୁର, କାଟଣା, ବଣିଆ, ସିଙ୍ଗିରି ଆଦି ଗାଁରେ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ। ଖରାଦିନ ଆରମ୍ଭରୁ ଟାଟା ପାୱାରର ଏଭଳି କାରନାମା ଲୋକଙ୍କୁ ଚକିତ କରିଛି। ପଞ୍ଚାୟତ ଓ ପାନୀୟଜଳ ବିଭାଗର ଦାୟିତ୍ୱରେ ଥିବା ବିଭିନ୍ନ ସ୍ବଜଳଧାରାର ଉଚ୍ଚ ପାଣିଟାଙ୍କିକୁ ମଟର ଯୋଗେ ପାଣି ଉଠାଇ ପାଇପ ଯୋଗେ ବିଭିନ୍ନ ଗାଁକୁ ବିତରଣ କରୁଥିବା ବ୍ୟବସ୍ଥାରେ ପ୍ରିପେଡ ମିଟର ଲାଗିବାରୁ ପଇସା ସରିବା ପରେ ଲାଇନ କଟିଛି। ଲାଇନ ନ ଥିବାରୁ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ। ଏ କଥା ବୁଝିବାକୁ ଜାଣିବାକୁ ମଧ୍ୟ ପଞ୍ଚାୟତ ଟେର ପାଇନି। ହଠାତ ମିଟର ଚାଲୁନି କି ଲାଇନ ଆସୁନାହିଁ। କେହି କିଛି ବୁଝିବା ଆଗରୁ ସବୁ ବନ୍ଦ। ଖୋଳତାଡ଼ କରିବାରୁ କଥା ଜଣାପଡ଼ିଛି। ପଇସା ନାହି ବୋଲି ଲାଇନ ନାହିଁ। ଲାଇନ ନ ଥିବାରୁ ପାଣି ଯୋଗାଣ ବନ୍ଦ। ଏ

ଏ ବାବଦରେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଓ ସରପଞ୍ଚଙ୍କୁ ଜଣାଇବାରୁ ପଇସା ପଡ଼ିଲେ ପାଣି ମିଳିବ ବୋଲି ଉତ୍ତର ମିଳିଛି। ଟାଟା ପାୱାର ଦ୍ୱାରା ନୂଆ ପ୍ରିପେଡ ମିଟର ବସିବାରୁ ଏହି ସମସ୍ୟା ଆରମ୍ଭ ହୋଇଛି। ହେଲେ ପଞ୍ଚାୟତ ଗୁଡିକ ଏଥିରେ ଆଦୌ ଅଭ୍ୟସ୍ତ ନ ଥିବାରୁ କିଏ ଆଗୁଆ ପଇସା ଭରୁଛି କହି ଚୁପ ରହିଛନ୍ତି। ଲୋକେ କିନ୍ତୁ ପାଇପ ପାଣିରେ ଅଭ୍ୟସ୍ତ ହୋଇଥିବାରୁ ଆଉ ସମ୍ଭାଳି ହେଉନାହାନ୍ତି। ତେଣୁ ଆବଶ୍ୟକତା ଦୃଷ୍ଟିରୁ ପ୍ରିପେଡ ମିଟର ବ୍ୟବସ୍ଥାରେ ପଇସା ସରିବା ଆଗରୁ ପୁଣି ପଇସା ଭରିବାକୁ ବିଡ଼ିଓ ଓ ଜିଲ୍ଲା ପ୍ରଶାସନ ସଚେତନ କରାଇବାକୁ ସାଧାରଣରେ ଦାବି ହେବା ସହ ତୁରନ୍ତ ଜଳଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।

# କଲେଜ ଫାଟକ ଆଗରେ ବାଲିବନ୍ଧ; ଯାତାୟାତ ବାଧାପ୍ରାପ୍ତ




**ଓଲାଭର, ୨୭।୨(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବାଲି ପଡ଼ିଥିବାରୁ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି ଛାତ୍ରଛାତ୍ରୀ। କଲେଜ ଭିତରକୁ ଯାଇ ନ ପାରି ସେମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁସାରେ ଏହି କଲେଜରେ ବିଭିନ୍ନ ସମୟରେ ଲାଗି ରହିଥିବା ଅନିୟମିତତା ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବି କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଗୋଟିଏ ସମାଧାନ ହୋଇ ପାରୁନି। ଆଜି ପୁଣି କଲେଜ ଫାଟକ ସମ୍ମୁଖରେ ପ୍ରାୟ ଦଶଦିନ ହେବ କାମର ଆଳ ଦେଖାଇ କଲେଜ କର୍ତ୍ତୃପକ୍ଷ ବାଲି ପକାଇ ରଖିଛନ୍ତି। ଯାହା ବାଲିବନ୍ଧ ସଦୃଶ ହୋଇଛି। ଫଳରେ କଲେଜ ଆସୁଥିବା ଛାତ୍ରଛାତ୍ରୀ ବଡ଼ ଦୟନୀୟ ଭାବେ ବୁଲାଣି ଦେଇ କଲେଜ ଭିତରକୁ ଯାଉଛନ୍ତି। କଲେଜର ଦୁଇଟି ଫାଟକ ରହିଛି। ଗୋଟିଏ ମୁଖ୍ୟ ଫାଟକ ସାମ୍ନା ଓ ଅନ୍ୟଟି ରହିଛି କଲେଜ କ୍ୟାଣ୍ଟିନ ପାଖରେ। ରାଜକନିକାର ପୂର୍ବାଞ୍ଚଳରୁ ଆସୁଥିବା ଶହ ଶହ ଛାତ୍ରଛାତ୍ରୀ କମ୍ ଦୂରତା ପାଇଁ କ୍ୟାଣ୍ଟିନ ପାଖ ଫାଟକ ଦେଇ ପ୍ରବେଶ କରିଥାନ୍ତି। ହେଲେ କିଛି ଦିନ ହେବ ଫାଟକ ସମ୍ମୁଖରେ ବାଲି କୁଢ ହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯିବା ଆସିବାରେ ବହୁ ଅସୁବିଧା ହେଉଛି। ଯେହେତୁ ଏବେ ଯୁକ୍ତଦୁଇ ପରୀକ୍ଷା ଚାଲୁଛି ସେଥିପାଇଁ ଛାତ୍ରଛାତ୍ରୀ ଏଭଳି ଏକ ଅସୁବିଧାରେ ସମ୍ମୁଖିନ ହେବା ସେମାନଙ୍କ ଉପରେ ପ୍ରଭାବ ପକାଉଛି। ଅପରପକ୍ଷରେ କାଳି ପଡ଼ିଆର ପ୍ରବେଶ ପଥରେ ବି ନର୍ଦ୍ଦମା ପାଣି ଲହଡ଼ି ଭାଙ୍ଗୁ ଥିବାରୁ ସେ ଫାଟକ ଦେଇ ଛାତ୍ରଛାତ୍ରୀ ଯିବାକୁ ନାପସନ୍ଦ କରୁଛନ୍ତି। ଏଥିପାଇଁ ବି ଛାତ୍ରଛାତ୍ରୀ ଆଉ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ନିଗମାନନ୍ଦ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୨୭।୨(ସମିସ):** ଗଣ୍ଡକୁଳ ସାରସ୍ୱତ ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଡିହାପଡ଼ା ପଞ୍ଚାୟତ ଗଣ୍ଡକୁଳ ଠାରେ ଗତ ୨୩, ୨୪, ୨୫ ତାରିଖ ତିନି ଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ ନିଗମାନନ୍ଦ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଗଣ୍ଡକୁଳ ଜୟଗୁରୁ ଆଶ୍ରମ ସମ୍ମୁଖ ପଡ଼ିଆରେ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ସାରସ୍ୱତ ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ଦୁର୍ଗା ଚରଣ ଭାଇ, ବରିଷ୍ଠ କର୍ମକର୍ତ୍ତା ସରୋଜ ବିଶ୍ୱାଳ (ବାବୁ ), ଅକ୍ଷୟ ମହାନ୍ତି, କଳ୍ପତରୁ ସେନାପତି, ସୁଧୀର ଲେଙ୍କା, ବସନ୍ତ ସ୍ୱାଇଁ ପ୍ରମୁଖ ସାରସ୍ୱତ ସଂଘର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉଦଯାପନୀ



ଦିବସରେ ଠାକୁର ପ୍ରାତଃ ଆଳତି, ପୂଜାର୍ଚ୍ଚନା ଓ ସତସଙ୍ଗ ପରେ ସମ୍ମିଳନୀ ଉଦଯାପିତ ହୋଇଥିଲା। ଜଗତଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ରାଜ୍ୟ ସ୍ତରୀୟ ଭକ୍ତ ସମ୍ମିଳନୀ ପାଇଁ ଗଣ୍ଡକୁଳ ଗାଁ ଉତ୍ସବ ମୁଖର ହୋଇପଡ଼ିଥିଲା। ଏଥିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରାୟ ୨୦ ହଜାର ଭକ୍ତ ଯୋଗ ଦେଇଥିଲେ ଓଏହି କାର୍ଯ୍ୟକ୍ରମକୁ ସମ୍ମିଳନୀ କମିଟି ସଭାପତି ସମାଜସେବୀ ନିରଞ୍ଜନ ପଟନାୟକଙ୍କ ନେତୃତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ବାରିକ, ଇଂ ଲିପୁ ଜେନା, ରମେଶ ନାୟକ, ଗଙ୍ଗାଧର ଦାସ, ଭାଗବତ ନାୟକ, ସୌମେନ୍ଦ୍ର ଦାସ, ଶଶିକାନ୍ତ ସ୍ୱାଇଁ, ବିବେକାନନ୍ଦ ପରିଡ଼ା, ଅକ୍ଷୟ ନାୟକ, ନିରାକାର ଖଟୁଆ, ବିଜୟ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଇନ୍ଦୁପୁରରେ ଲୋକକଳା ମହୋତ୍ସବ



**କେନ୍ଦ୍ରାପଡ଼ା, ୨୭।୨(ସମିସ):** ଜିଲ୍ଲାର ସାଂସ୍କୃତିକ ସାମାଜିକ ଅନୁଷ୍ଠାନ ମହାବୀର ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଓଡ଼ିଶାରୁ ବିଲୁପ୍ତ ହେବାକୁ ବସିଥିବା ଲୋକସଙ୍ଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟର ପୁନରୁଦ୍ଧାର କରିବା ଲକ୍ଷ୍ୟରେ ଏକ ଲୋକକଳା ମହୋତ୍ସବ ଦୁଇଦିନ ଧରି ଇନ୍ଦୁପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଲୋକକଳା ସୂତାକଣ୍ଢେଇ ନୃତ୍ୟକୁ ବଞ୍ଚାଇ ରଖିଥିବା ଗୁରୁ ଫକୀର ଚରଣ ସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଲୋକକଳା କଣ୍ଠଶିଳ୍ପୀ ସ୍ୱାଧିନିବାଳା ନାୟକ, ଓଡିଶୀ ଓ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଦୀପକ କୁମାର ନନ୍ଦି ଓ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଲୋକକଳାର ପ୍ରଚାର ପ୍ରସାର ସହିତ କିପରି ଲୋକକଳା ବଞ୍ଚିପାରିବ ଓ ନୂତନ ଲୋକ କଳାକାର ସୃଷ୍ଟି ହୋଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ଲୋକସଙ୍ଗୀତ, ଲୋକ ନୃତ୍ୟ, ଲୋକବାଦ୍ୟ, ପାଲା, ଘୋଡାନାଚ ଓ ମୁଖ୍ୟ ଆକର୍ଷଣ ସୂତାକଣ୍ଢେଇ ନାଚ ପରିବେଷଣ କରାଯାଇଥିଲା। ବିଭିନ୍ନ ଲୋକ କାଳକାରମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବ କଳାକାର ଓ ସମାଜସେବୀ ଦେବାଶିଷ ସମାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାପାଖ ମୁକୁଳା ଟ୍ରାନ୍ସଫର୍ମର ସାଜିଛି ବିପଦ

**ପଞ୍ଚୁପାଣ୍ଡବ, , ୨୭।୨(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ରାସ୍ତାକୁ ଲାଗି ବିଦ୍ୟୁତ୍ ଟ୍ରାନ୍ସଫରମର ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫରମର ମୁକୁଳା ପଡ଼ିଥିବାରୁ ଗୋରୁ ଗାଈ, ମେଣ୍ଢା, ଛେଳି ଓ ରାସ୍ତାରେ ଯିବା ଆସିବା ପଥଚାରୀଙ୍କ ପାଇଁ ବିପଦ ସାଜିଛି। ରାସ୍ତା ପାଖକୁ ଲାଗିଥିବାରୁ ରାସ୍ତା ଓସାର କରିବାରେ ସମସ୍ୟା ଦେଖାଦେଇଛି। ଏହି ରାସ୍ତା ଦେଇ ଯାଇଥିବା ଲକ୍ଷ୍ମୀନାରାୟଣପୁର, ବେଲାରପୁରରୁ ବେଣୀପୁର ଏମିତିକି ଯାଜପୁର ଜିଲ୍ଲାର ବରି ବ୍ଲକକୁ ସଂଯୋଗ କରୁଥିବାରୁ ଏହି ଦୈନିକ ଶହଶହ ଗାଡ଼ି ମୋଟର ଯିବା ଆସିବା କରିଥାଏ। ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ଖାମଖିଆଲ ଯୋଗୁ କେତେବେଳେ ଅଘଟଣ ଘଟିପାରେ। ତୁରନ୍ତ ଟ୍ରାନ୍ସଫରମର ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



### ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନରେ ଅବହେଳା

## ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**କେନ୍ଦ୍ରାପଡ଼ା, ୨୭।୨(ସମିସ):** ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବାରେ ଅବହେଳା ଯୋଗୁଁ ଗତକାଲି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଓ ପ୍ରତାପ କୁମାର ମହାନ୍ତି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ଅନୁଯାୟୀ କେତେକ ତଥ୍ୟ ପ୍ରଦାନ ନିମନ୍ତେ ଯଥାକ୍ରମେ ଗତ ୧୨.୦୮.୨୦୨୩ ଓ ୧୪.୦୯.୨୦୨୩ରିଖରେ ଆବେଦନ କରିଥିଲେ। କିନ୍ତୁ ଉଭୟ ଆବେଦନର ଏକମାସରୁ ଅଧିକ ସମୟ ଅତିକ୍ରମ ହୋଇଯିବା ପରେ ବି ସମ୍ପୃକ୍ତ ଜନ ସୂଚନା ଅଧିକାରୀ ତଥ୍ୟ ପ୍ରଦାନ ନକରିବାରୁ ଆବେଦନକାରୀ ପ୍ରଥମ ଆପିଲେଟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଏହାପରେ ପ୍ରଥମ ଆପିଲେଟ ଅଥରିଟୀଙ୍କ ଦ୍ୱାରା ସେହି ଆବେଦନର ଶୁଣାଣି ନକରାଯାଇ ଆବେଦନକାରୀଙ୍କୁ ୩ମାସ ପରେ ଟଙ୍କା ଜମା କରିବାକୁ ଚିଠି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଆବେଦନକାରୀ ବାରମ୍ବାର ସାକ୍ଷାତ କରି ନିରାଶ ହେବା ପରେ ଗତକାଲି ସେହି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖାଯାଇଛି। ଏହି ଧାରଣାରେ ଆବେଦନକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ପ୍ରତାପ କୁମାର ମହାନ୍ତି, ଭାଗୀରଥି ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।।

### ମୃତ୍ୟୁ ପରେ ବି ଅମର ବ୍ରଜକିଶୋର

## ବ୍ରଜଙ୍କ ଆଖିରେ ଦୁନିଆ ଦେଖିବ ଆଉ ଜଣେ

**କେନ୍ଦ୍ରାପଡ଼ା, ୨୭।୨(ସମିସ):** ବାଇକ୍ ଦୁର୍ଘଟଣାରେ ଚାଲିଗଲା ବାପାଙ୍କ ଜୀବନ। ପ୍ରତିକୂଳ ପରିସ୍ଥିତିରେ ଥାଇ ବି ବାପାଙ୍କ ଚକ୍ଷୁଦାନ କରିବା ପାଇଁ ପୁଅ ହିମାଂଶୁ ନିଷ୍ପତ୍ତି ନେଇଥିଲେ। ହିମାଂଶୁଙ୍କର ଏହି ମହାନତା ପାଇଁ ଅଞ୍ଚଳବାସୀ ତାଙ୍କୁ ସାନ୍ତ୍ୱନା ଦେବା ସହିତ ସାଧୁବାଦ ବି ଦେଉଛନ୍ତି। ସେଦିନ ଥାଏ ଫେବୃଆରୀ ୨୦ ତାରିଖ ମଙ୍ଗଳବାର। ଘରପାଖ ଦୋକାନରୁ କିଛି ସାମଗ୍ରୀ ଆଣିବାକୁ ବ୍ରଜକିଶୋର ରାଉତ ଯାଇଥିଲେ। ଫେରିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଧକ୍କା ହେବାରୁ ସେ ଛିଟିକି ପଡ଼ିଥିଲେ। ପକ୍କା ରାସ୍ତାରେ ମୁଣ୍ଡରେ ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେହିକ୍ଷଣି ବ୍ରଜକିଶୋରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରିଥିଲେ। କିନ୍ତୁ ଗତ ୨୧ ତାରିଖ ଦିନ ସକାଳେ ବ୍ରଜକିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପିଲାଦିନୁ ମାଆକୁ ହରାଇଥିବା ହିମାଂଶୁ ବାପାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିଲେ। ତାଙ୍କ ପାଦତଳୁ ମାଟି ଖସିଯାଇଥିଲା। ପରିବାର ଓ ଆତ୍ମୀୟଙ୍କ କାନ୍ଦରେ ପରିବେଶ ଫାଟି ପଡୁଥିଲା। ଶବ ବିଚ୍ଛେଦ ପାଇଁ କ୍ୟାପିଟାଲ ମେଡ଼ିକାଲକୁ ନିଆଗଲା। ଯେଉଠି ହିମାଂଶୁ ଛାତିକୁ ପଥର କରି ବାପାଙ୍କ ଚକ୍ଷୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବ୍ରଜକିଶୋରଙ୍କ ଚକ୍ଷୁକୁ ଆଇ ବ୍ୟାଙ୍କ୍ ଜରିଆରେ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟକୁ ଦିଆଗଲା। ଏନେଇ ହିମାଂଶୁ କୁହନ୍ତି ମୋ ବାପା ଏଦୁନିଆରୁ ଚାଲିଗଲେ ମୁଁ ଅନାଥ ହୋଇଗଲି। ହେଲେ ମୋ ବାପାଙ୍କ ଆଖିରେ ଆଉ ଜଣେ ତ ଦୁନିଆ ଦେଖି ପାରିବ। ହିମାଂଶୁଙ୍କ ଏ ମହାନତା ପାଇଁ ମେଡିକାଲ୍ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଉଛନ୍ତି। ହିମାଂଶୁ ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ବାଙ୍କିଛନ୍ଦା ଗ୍ରାମର ବାସିନ୍ଦା। ସେ ଏକ ପ୍ରାଇଭେଟ୍ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି।



ବାପାଙ୍କ ଚକ୍ଷୁ ଦାନକରି ଉଦାହରଣ ସାଜିଲେ ପୁଅ ହିମାଂଶୁ

## ଗୋଲରାହାଟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ଡେରାବିଶ, ୨୭।୨(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ତିଳକପୁରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଆଜି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ବିଡ଼ିଓ ଦାସରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ କାଶିନାଥ କାଣ୍ଡି ଉପସ୍ଥିତ ରହି ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ରେଶନ କାର୍ଡ଼ରେ ନାମ ସଂଯୋଗ, ଆଧାର ପଞ୍ଜିକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜିକରଣ, ମାଗଣା ମୃତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରଛାତ୍ରୀମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡ଼ିଓ ଶ୍ରୀ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀ ବିଭୁଦତ୍ତ ଦାସ, ସିଡ଼ିପିଓ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏହି ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଷ୍ଟଲ ଖୋଲାଯାଇ ଉପସ୍ଥିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିମାଇଁ ଚରଣ ପରିଡ଼ା, ଜିଆରଏସ୍ ଚିତ୍ତରଞ୍ଜନ ଥାଟୋଇ, ଏମ୍‌ବିକେ ବନମିତ୍ରା ରଥ ଓ କମଳାକାନ୍ତ କାଣ୍ଡି, ସୁଶାନ୍ତ ଦାସ, ବରେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ବିଷ୍ଣୁଦେବ ବେହେରା ପ୍ରମୁଖ ପ୍ରମୁଖ ପରିଚାଳନା କରିଥିଲେ।

## କିଷାନ ମୋର୍ଚ୍ଚାର ଆନ୍ଦୋଳନ

**କେନ୍ଦ୍ରାପଡ଼ା, ୨୭।୨(ସମିସ):** ଚାଷୀ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦାବିରେ ଦେଶର ଚାଷୀ ଦୀର୍ଘବର୍ଷ ଧରି ଦାବି କରୁଛନ୍ତି। ସରକାର ଏଥିଲାଗି ସୁପାରିଶ କରିଥିବା ଏମ୍‌ଏସ୍ ସ୍ୱାମୀନାଥନ୍‌ଙ୍କୁ ଭାରତରତ୍ନ ଦେଇ ପ୍ରଶଂସା ନେବାକୁ ଉଦ୍ୟମ କରୁଥିବାବେଳେ ଡବ୍ଲ୍ୟୁଟିଓ ନିର୍ଦ୍ଦେଶରେ ଏହି ଆଇନ ପ୍ରଣୟନ ନ କରିବା ପାଇଁ ବଦ୍ଧପରିକର। ସେଥିପାଇଁ ରାଜଧାନୀ ଦିଲ୍ଲୀକୁ ଆନ୍ଦୋଳନ କରିବାକୁ ଆସୁଥିବା ଚାଷୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ହରିୟାଣା ପୁଲିସ ଅକଥନୀୟ ଅତ୍ୟାଚାର କରୁଛି। ଏହାର ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଆବୁଧାବିରେ ଡବ୍ଲ୍ୟୁଟିଓର ହେଉଥିବା ତ୍ରୟୋଦଶ ମନ୍ତ୍ରୀ ସ୍ତରୀୟ ବୈଠକ ଅବସରରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ କିଷାନ ମୋର୍ଚ୍ଚା ପକ୍ଷରୁ ସହରର ତିନିମୁହାଣିଠାରେ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ସଂଗଠନର ଜିଲ୍ଲା ଆବାହକ ମଣ୍ଡଳୀ ସଦସ୍ୟ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଓଡ଼ିଶା କୃଷକ ସଭା ସମ୍ପାଦକ ବିଜୟ ଦାସ, ଶ୍ରମିକ ନେତା ପ୍ରକାଶ ମହାନ୍ତି, ଦାସରଥି ସାହୁ, ଭାଗୀରଥି ଜେନା, ଅମୀୟ ନାୟକ, ଶ୍ରୀଧର ମହାନ୍ତି, ଶତ୍ରୁଘ୍ନ ରାଉତ, କୁଳମଣି ଦାସ, ଅଜୟ ସାମଲ ପ୍ରମୁଖ ଦାବି ସପକ୍ଷରେ ବକ୍ତବ୍ୟ ରଖି ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ।

## ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା

**କେନ୍ଦ୍ରାପଡ଼ା, ୨୭।୨(ସମିସ):** ସହରର ମର୍ଯ୍ୟାଦାସମ୍ପନ୍ନ ବଡକୋଠା ଜମିଦାର ରାଧେଶ୍ୟାମ ନରେନ୍ଦ୍ରଙ୍କ ନବମ ପିଢ଼ିର ଦାୟାଦ ସ୍ୱର୍ଗତ ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ(ବାବି)ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଓ ସ୍ମୃତି ସମାରୋହ ରାଧାଗୋବିନ୍ଦଜୀଉ ମନ୍ଦିର ଝୁଲଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସର ସଭାପତି ଇଂ ଅକ୍ଷୟ କୁମାର ପାଣି ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଗବେଷକ ନିରଞ୍ଜନ ମେକାପ, ଶିକ୍ଷାବିତ ହେମନ୍ତ ଜେନା, ପ୍ରାକ୍ତନ ପୌରାଧ୍ୟକ୍ଷ ଧିରେନ ସାହୁ ଓ ପ୍ରବୀର ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତିଙ୍କ ସମେତ ମଧୁମିତା ଅଗ୍ରୱାଲ, ଶରତ ମହାନ୍ତି, ରମାନନ୍ଦ ଶ୍ରୀଚନ୍ଦନ ପ୍ରମୁଖ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। କମଳପ୍ରସାଦ ହରିଚନ୍ଦନ, ପ୍ରଭାସ ବେହେରା ଓ ରଙ୍ଗାଧର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

### ତୁଳସୀ ଏବେ ଶଯ୍ୟାଶାୟୀ; ସେବା କରୁଛନ୍ତି ସ୍ୱାମୀ

**ରାଜକନିକା, ୨୭।୨(ସମିସ):**

ନୁଆଁଣିଆ ଚାଳଘର। ତା' ଭିତରେ ଶଯ୍ୟାଶାୟୀ ରୋଗୀ।ପାଖରେ ବସିସେବା ଯୋଗାଉଛନ୍ତି ତାଙ୍କ ସ୍ୱାମୀ। ଝାଡା ନେବା, ଶୌଚ କରାଇବା, ଖାଦ୍ୟ ଖୋଇବା ଆଉ ଦେହହାତରେ ଆଉଁସି ଦେବା ଭଳି ସେବା ପ୍ରତ୍ୟହ କରୁଛନ୍ତି।ତେବେ ବି ରୋଗର ଉପଶମ ନାହିଁ କି ସୁସ୍ଥ ହେବାର ସାମାନ୍ୟ ସୂଚନା ବି ଦେଖା ଯାଉନାହିଁ।ଫଳରେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି।ଏଭଳି ଏକ ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଛି ରାଜକନିକାବ୍ଲକ ଅନ୍ତର୍ଗତ ସିହୋପଡ଼ା ଗାଁରେ। ଦିନ ମଜୁରିଆ ଯଦୁନାଥ ମଲିକ(୬୦)ଏବଂ ତାଙ୍କ ପତ୍ନୀ ତୁଳସୀ ମଲିକ। ପୁଅବୋହୂ, ନାତିନାତୁଣୀଙ୍କୁ ନେଇ ସଂସାର। ଆଗରୁ ବୟସ ଥିବା ବେଳେ ଯଦୁନାଥ ରିକ୍ସା, ଟ୍ରଲି ବୋହି ପରିବାର ପ୍ରତିପୋଷଣ କରୁଥିଲେ।ହେଲେ ଅଭାବୀ ସଂସାରରେ ଖାଦ୍ୟର ଅଭାବ ଯୋଗୁଁ ଦିନ କେଇଟାରେ ସେ ଦୁର୍ବଳ ହେବା କାରଣରୁ ରିକ୍ସା ଆଉ"ଟାଣୁ ନାହାନ୍ତି।ଏମିତିକି ଦିନ ମଜୁରୀଆ ଭାବେ ବି କେହି ନେଉ ନାହାନ୍ତି ବୋଲି କହିଛନ୍ତି ଯଦୁମଣି।ପୁଅଟା ଟ୍ରାକ୍ଟର ରେ କାମ କରି ଯେତିକି ଆଣେ ତା ପରିବାରକୁ ବି ଅଣ୍ଟେନି।ତୁଳସୀ ଦୁଇ ବର୍ଷ ତଳେ ଅସୁସ୍ଥ ହୋଇପଡ଼ିବାରୁ ଧାରକରଜ କରି ଡାକ୍ତର ବି ଦେଖେଇଲେ ଯଦୁମଣି।ହେଲେଡାକ୍ତରଙ୍କ କହିବା କଥା ପକ୍ଷାଘାତର ପ୍ରଥମ ଷ୍ଟେଜ୍ ରେ ଫିଜିଓଥେରାପି କରିବା ଆବଶ୍ୟକ, ତେବେ ଯାଇ ଧିରେ ଠିକ୍ ହେବ।ହେଲେ ନିକଟସ୍ଥ ଓଲାଭର ବଜାରକୁ ଯାଇ ଫିଜିଓଥେରାପି କରିବା ବି ଯଦୁମଣିଙ୍କ ପାଇଁକାଠିକର ପାଠ। ଏଥିପାଇଁ ବିଳମ୍ବ କାରଣରୁ ତୁଳସୀ ଆଉ ଉଠିବସି ନପାରି ବିଛଣାରେ ଶୋଇ ରହୁଛନ୍ତି।ଏମିତିକି କେବଳ ଯେ ପକ୍ଷାଘାତରେପୀଡ଼ିତ ହୋଇଛନ୍ତି ତାହା ନୁହେଁ ବରଂ କିଡିନ୍ ନଷ୍ଟ ହେବା, ଶ୍ୱାସ ରୋଗମାଡି ଆସିବା, ଆଖିକୁ ଦେଖା ନ ଥିବା ଭଳି ବହୁବିଧ ରୋଗରେ ତୁଳସୀଏବେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଏଥିପାଇଁ ଯଦୁମଣି ସକାଳୁ ରାତି ଯାଏ ପତ୍ନୀ ପାଖେ ରହି ସବୁ କିଛି କରୁଛନ୍ତି।ଏମିତିକି ତୁଳସୀଙ୍କୁ ଛାଡି ମଜୁରୀ ଖଟିଯିବା ବି ଏକ ପ୍ରକାର ବନ୍ଦ ହୋଇ ଯାଇଛି।ଏଣୁ ତୁଳସୀଙ୍କ ଚିକିତ୍ସାରେମେଡିସିନ ଦେବା ଆଉ ସମ୍ଭବ ହେଉନାହିଁବୋଲି କହିଥିଲେ ଯଦୁନାଥ।ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ବି ସେ ସେତକ ବି ସୁଯୋଗ ନେଇ ପାରୁ ନାହାନ୍ତି।ଅନ୍ତତଃ ପକ୍ଷେ ଡାକ୍ତରଖାନା ଯାଏ ବୋହି ନେବା ପାଇଁ ସେତକ ସମ୍ବଳନ ଥିବାରୁ ତୁଳସୀର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ପଡ଼ିଲାଣି।ଅପରପକ୍ଷରେ କେବଳ ରାସନ୍ ଚାଉଳ ହିଁ ତାଙ୍କର ସବୁକିଛି।ମିଳୁଥିବା ଚାଉଳ ଅଣ୍ଟୁ ନ ଥିବାରୁ ବାଧ ହୋଇ ଏଣେତେଣେ ଚାଉଳ କିଣିଖାଇବାକୁ ହେଉଛି। ଏଥିପାଇଁ ତୁଳସୀର ମେଡିସିନ ଅଭାବ ସହିତ କୁପୋଷଣ ଯୋଗୁଁ ଏଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି।ଘର ଖଣ୍ଡେବି ନାହିଁ।ଚାଳଛପର ଘରେ ସ୍ୱାମୀ ସ୍ତ୍ରୀ ଦୁହେଁ ପଡ଼ି ରହୁଛନ୍ତି। ଯଦୁନାଥଙ୍କଏଭଳି ସ୍ଥିତିରେ ତୁଳସୀଙ୍କର ଚିକିତ୍ସାର ଆବଶ୍ୟକତା ରହିଛି।ଯଦି ଉତ୍ତମଚିକିତ୍ସା ମିଳି ପାରନ୍ତା ତେବେ ତୁଳସୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରନ୍ତା ବୋଲିଯ ଦୁମଣି କହିଛନ୍ତି। ତେବେ ପତ୍ନୀର ଚିକିତ୍ସା ପାଇଁ ସରକାରୀସ୍ତରରେ ହେଉ ବା କୌଣସି ବ୍ୟକ୍ତିବିଶେଷ ସହାୟତାର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି ଯଦୁମଣି।



# ଅନୁଗୋଳ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

ଅନୁଗୋଳ, ୨୭ ।୨(ସମିସ):



ସ୍ଥାନୀୟ କଦମ ପଡ଼ିଆରେ ଆଜି ଅପରାହ୍ନରେ ଅନୁଗୋଳ କ୍ରିକେଟ ଏକାଡେମି ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଅନୁଗୋଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇଥିବା କ୍ରୀଡ଼ା ଏକାଡେମୀ ଗୁଡ଼ିକୁ ଉଦଘାଟନ କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ୫- ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିସିସିଆଇ ସମ୍ପାଦକ ଜୟ ଶାହ, କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର ଭିନିଲ କୃଷ୍ଣ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଶୀର୍ଷ ସଦସ୍ୟ ପ୍ରତାପ ପ୍ରଧାନଙ୍କ ସମେତ ଅନ୍ୟ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସେହିଭଳି କଦମ ପଡିଆ ସମାରୋହରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର୍ ସିଠ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ଼ା ଦୀପକ କୁମାର ଗଡ଼ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଭାତ କୁମାର୍ ସିହ୍ନା, ଅରୁଣ ପୁଷ୍ପାଳକ, ସମ୍ପାଦକ ସାଗର ନାଥ ମିଶ୍ର, ଯୁଗ୍ମସମ୍ପାଦକ ଗଙ୍ଗାଧର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରଞ୍ଜନ ଧୂରସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କ୍ରିକେଟ ପ୍ରଶିକ୍ଷଣ ନେଉଥିବା ଶତାଧିକ ଛାତ୍ର ଛାତ୍ରୀ ଏହି ସମାରୋହରେ ଯୋଗ ଦେଇଥିଲେ। ଏକାଡେମୀ ପ୍ରତିଷ୍ଠା ଦ୍ୱାରା ଅନୁଗୋଳରେ କ୍ରିକେଟର ଭିତ୍ତିଭୂମି ଉନ୍ନତ ହେବା ସହ ପ୍ରତିଭାବାନ ଖେଳାଳିଙ୍କ ଭବିଷ୍ୟତ ଗଢ଼ିହେବ।

## ସରପଞ୍ଚଙ୍କୁ ଅଣଦେଖା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଅନୁଗୋଳ, ୨୭।୨(ସମିସ): ଅନୁଗୋଳ ବ୍ଲକ ସରପଞ୍ଚମାନଙ୍କୁ ବ୍ଲକ ଅଧିକାରୀ ଅଣଦେଖା କରୁଥିବା ନେଇ ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସରପଞ୍ଚମାନଙ୍କ ଅଭିଯୋଗ ଅନୁଯାୟୀ ବ୍ଲକର ଅଧିକାରୀମାନେ ସରକାରଙ୍କ ଯୋଜନାଗୁଡିକୁ ସରପଞ୍ଚଙ୍କୁ ଅବଗତ କରାଉନାହାନ୍ତି। ଯାହାକୁ ନେଇ ସରପଞ୍ଚମାନଙ୍କ ପକ୍ଷରୁ ପଞ୍ଚାୟତସମିତି ସଭାକୁ ବର୍ଜନ କରାଯାଇଛି। ସରପଞ୍ଚମାନଙ୍କ କହିବା ଅନୁଯାୟୀ ଅର୍ପଣ ରଥ ଏବଂ ଆମ ଓଡ଼ିଶା ନବୀନ ଓଡିଶା ସଚେତନ କାର୍ଯ୍ୟକ୍ରମରେ ସରପଞ୍ଚମାନଙ୍କୁ ଅବଗତ କରାଯାଇନାହିଁ। ଜିପିଡିପିର ଅର୍ଥ ସମୂହ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ଏକାଉଣ୍ଟକୁ ଦିଆଯାଉଛି, ଯାହାକି ପୂର୍ବରୁ ଭେଣ୍ଡରମାନଙ୍କୁ ଦିଆଯାଉଥିଲା। ଜିପିଡିପିର କୌଣସି କାର୍ଯ୍ୟ ପଞ୍ଚାୟତରେ ସରପଞ୍ଚମାନଙ୍କୁ କରାଇ ଦିଆ ଯାଉନାହିଁ ଏବଂ ଯଦି କୌଣସି କାର୍ଯ୍ୟ ହେଉଛି ତେବେ ତାହା ବିଲ୍ ହେଉନାହିଁ ଏବଂ ମାସ ମାସ ପର୍ଯ୍ୟନ୍ତ ବିଲ୍ ପଡିରହୁଛି। ପିଇଓ, ଜେଇ., ଜିଆରଏସ୍. ଜନପ୍ରତିନିଧିମାନଙ୍କୁ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ସେମାନେ ମନମୁଖୀ ଶାସନ ଚଳାଇଛନ୍ତି। ପ୍ରତି ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ ଗୁଡିକ ଅଚଳ ହୋଇ ରହିଥିଲେ ମଧ୍ୟ ତାହା ଠିକ୍ କରାଯାଉନାହିଁ। ମାସ ମାସ ଅନ୍ଧକାରରେ ଦିନ ବିତାଇବାକୁ ଲୋକେ ବାଧ୍ୟ ହେଉଛନ୍ତି ଏବଂ ଏନେଇ ଅଭିଯୋଗ କଲେ ଅଭିଯୋଗର କୌଣସି ସମାଧାନ କରାଯାଉନାହିଁ। ପଞ୍ଚାୟତ ସମିତିରେ ସରପଞ୍ଚମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି।ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ ତାହାର କୌଣସି ସମାଧାନ କରାଯାଉନାହିଁ ବୋଲି ସରପଞ୍ଚ ସଂଘର ସଭାପତି ଜ୍ୟୋତିର୍ମୟୀ ଦେହୁରୀ ଅଭିଯୋଗ କରିଛନ୍ତି।

## ମିଳିତ ଜନଶୁଣାଣି ଶିବିର

ଅନୁଗୋଳ, ୨୭ ।୨(ସମିସ): ଆଜି ପୂର୍ବାହ୍ନରେ ଛେଣ୍ଡିପଦା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ମହମ୍ମଦ ଅବାଲ୍ ଅକ୍ତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୧୧୦ଟି ଅଭିଯୋଗରୁ ୯୯ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ୧୧୦ ଅଭିଯୋଗ ମଧ୍ୟରୁ ୩ଟି ଅଭିଯୋଗର ଆଜିର ଶିବିରରେ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣକୁ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମି ଜମା ସମ୍ବନ୍ଧୀୟ, କଳାକାର ଭତ୍ତା ଓ ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ମହିଳାଙ୍କୁ ଋଣର ସବ୍‌ସିଡି ସହାୟତା ପ୍ରଦାନ



କିଶୋରନଗର, ୨୭।୨(ସମିସ): କିଶୋରନଗର ବ୍ଲକ ପରିସରରେ ଆଜି ମହିଳା ଗୋଷ୍ଠୀଙ୍କୁ ଋଣ ବାବଦକୁ ସବସିଡି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ୧୦୦୦ ଗ୍ରୁପଙ୍କୁ ଋଣର ସୁଧ ଫେରସ୍ତ କରାଯିବା ସହ ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନେବାର ସୁବିଧା କରାଯାଇଛି। କିଶୋରନଗର ବ୍ଲକର ୨୩୫୦ ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ୧୦୦୦ ଟଙ୍କା ୟୁନିଫର୍ମ ପାଇଁ ଓ ବିଏଲଫ, ଜିପିଏଲଏଫ ଇସି ମେମ୍ବରଙ୍କୁ ବ୍ଲେଜର ପାଇଁ ସହାୟତା ମୁଖ୍ୟମନ୍ତ୍ରୀ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ବିନୋଦ ବିହାରୀ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଏ ବିଡିଓ ଦଲିଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରୀନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ସରପଞ୍ଚ ସଂଗୀତ ସାହୁ, ମିଶନ ଶକ୍ତି ସଂଯୋଜକ ଉପେନ୍ଦ୍ର ବେହେରା, ଜୀବିକା ମିଶନର ସୁଜିତ ପ୍ରଧାନ, ସାଗର କାନ୍ହୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାରେ କ୍ରିକେଟ ଏକାଡେମୀର ଶୁଭାରମ୍ଭ

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ସହରରେ କ୍ରିକେଟ ପ୍ରେମୀଙ୍କ ପାଇଁ ସ୍ପୋର୍ଟ କମ୍ପ୍ଲେକ୍ସର ଶିଳାନ୍ୟାସ କରାଯାଇଛି। ପ୍ରାୟ ୯୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ସ୍ପୋର୍ଟସ କମ୍ପ୍ଲେକ୍ସରେ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି ପଦକ୍ଷେପ ଗ୍ରହଣ କରାଯାଇଛି।

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଢେଙ୍କାନାଳ ସହରର ବନମାଳୀ ପ୍ରସାଦ ଓ ମୁଖ୍ୟ ଷ୍ଟାଡିୟମ ଠାରେ ୯୩କୋଟି ୫୭ଲକ୍ଷ ଟଙ୍କା ବ୍ୟୟର କ୍ରୀଡ଼ା ଭିତ୍ତଭୂମିର ଶିଳାନ୍ୟାସ କରିଛନ୍ତି। ବନମାଳୀ ପ୍ରସାଦଠାରେ ୧୩.୮୫ ଏକର ପରିମିତ ଜାଗାରେ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ହକି ତାଲିମ କେନ୍ଦ୍ର, ଆଭ୍ୟସ ପାଇଁ ସୁଇମିଂ ପୁଲ ଆଦି ନିର୍ମାଣ କରାଯିବ। ଏହା ସହିତ ମୁଖ୍ୟ ଷ୍ଟାଡିୟମ ଠାରେ କ୍ରିକେଟ ଏକାଡେମୀର ଉନ୍ନତିକରଣ କାର୍ଯ୍ୟ ରହିଛି। ଓଡ଼ିଶା କ୍ରିକେଟ ଆସୋସିଏସନର ସହାୟତା ଏବଂ ଜିଲ୍ଲା ଆଥଲେଟିକ ଆସୋସିଏସନ ସହଯୋଗରେ କ୍ରିକେଟ ଏକାଡେମୀର ଭିତ୍ତପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସହିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅର୍ଚ୍ଚନା ପୁହାଣ, ସାଂସଦ ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କ୍ରୀଡ଼ା ଭିତ୍ତିଭୁମି ପାଇଁ ମୋଟ ୧୩କୋଟି ୮୫ଲକ୍ଷ ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ ସହିତ ହକି ତାଲିମ ପାଇଁ ୪୧୦ଜଣ ବସିବା ଭଳି ଏକ ଗୃହ ପାଇଁ ୧୨ କୋଟି ୫୩ଲକ୍ଷଟଙ୍କା, ୧୫ଶହ ଲୋକ ବସିବା ପାଇଁ ଆଥଲେଟିକ ପାଭିଲିଅନ ନର୍ମାଣ ପାଇଁ ୪୧କୋଟି ୧୭ଲକ୍ଷ, ସୁଇମିଂ ପୁଲ ପାଇଁ ୧୦କୋଟି ୮୬ଲକ୍ଷ, ଅନ୍ୟାନ୍ୟ କାର୍ଯ୍ୟପାଇଁ ୨୯କୋଟିଏ ଭଳି ମୋଟ ୯୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହା ଦ୍ୱାରା ଜିଲ୍ଲାର କ୍ରିକେଟରମାନଙ୍କୁ ତାଲିମ ସହିତ ଟର୍ଫ କ୍ରିକେଟ, ସିମେଣ୍ଟ ସହିତ ମ୍ୟାଟର ବ୍ୟବସ୍ଥା, ୨ଶହ କ୍ରିକେଟ ଡ୍ରେସ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବୋର ଯୋଜନା ରହିଛି।



## ସାହିତ୍ୟିକ ଇଂ. ନିରଞ୍ଜନ ପ୍ରଧାନଙ୍କ ବିୟୋଗ



କଣିହାଁ, ୨୭।୨(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ ଟାକୁଆ ଗ୍ରାମରେ ଜନ୍ମିତ କଣିହାଁ ବୃହତ ତାପଜ ବିଦ୍ୟୁତ କେନ୍ଦ୍ରରେ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଇଞ୍ଜିନିୟର ନିରଞ୍ଜନ ପ୍ରଧାନଙ୍କ ଅଠାବନ ବର୍ଷ ବୟସରେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଜଣେ ସୁସାହିତ୍ୟିକ ଭାବରେ ତାଙ୍କର ପ୍ରକାଶିତ କବିତା ସଙ୍କଳନ 'କବିତା ଅନାବନା' ଶ୍ରୀ କ୍ଷେତ୍ର ମାଧୁରୀ, ଶ୍ରୀ କ୍ଷେତ୍ର ଅବଲୋକନ, ସମସ୍ତଙ୍କ ଦ୍ୱାରା ବେଶ ଆଦୃତ ଲାଭ କରିପାରିଛି। ସ୍ୱର୍ଗତ ପ୍ରଧାନଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଦିବ୍ୟ ଜୀବନ ସଂଘର ସାଧୁ ସନ୍ଥଙ୍କ ବୈଦିକ ମନ୍ତ୍ର ପାଠରେ ସମାପନ ହୋଇଥିଲା।

### ମୁକ୍ତା ଯୋଜନାରେ ପୋଖରୀ ପୁନରୁଦ୍ଧାର

# ପଙ୍କମାଟି ବାହାରକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ



ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ପୁରାତନ ନୂଆ ପୋଖରୀ ବା ଭାଗିରଥୀ ସାଗରର ପୁନରୁଦ୍ଧାର ସହିତ ସହରର ଅନ୍ୟ ୩ଟି ପୋଖରୀର ପୁନରୁଦ୍ଧାର ପାଇଁ ମୁକ୍ତା ଯୋଜନାରେ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ନୂଆ ପୋଖରୀ ବା ଭାଗିରଥୀ ସାଗରର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ପୋଖରୀରୁ ପାଣିକାଟିବା, ପୋଖରୀର ପଙ୍କକୁ ବାହାରକୁ ନନେଇ ପୋଖରୀ ହିଡ଼ର ଭିତର ପାର୍ଶ୍ୱରେ ପକାଇବାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପାର୍ଶ୍ୱରେ ସାଂସଦ ଏବଂ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଅନ୍ୟପାର୍ଶ୍ୱରେ ଭାଗିରଥୀ ସାଗରକୁ ନେଇ ଗଠନ କରାଯାଇଥିବା ଭାଗିରଥୀ ସୁରକ୍ଷା ସମିତି ତରଫରୁ ନେହେରୁ ପାର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଖରୀର ପୁନରୁଦ୍ଧାର ସଠିକ ଭାବରେ କରିବାକୁ ସିମିତି ଦାବି କରିଛି। ବୈଠକରେ ସଭାପତି ପଙ୍କଜ କୁମାର ନାୟକଙ୍କ ସହିତ ଶତାଧିକ ସ୍ଥାନୀୟବାସିନ୍ଦା ଯୋଗଦେଇଥିଲେ। ଏହି ପୋଖରୀର ପୁନରୁଦ୍ଧାର କରାଯାଇ ସଙ୍କୁଚିତ କରାନଯାଉ। ପଙ୍କକୁ ଅନ୍ୟତ୍ର ନେଇ ସ୍ଥାନାନ୍ତରିତ କରାଯିବାକୁ ଦାବି କରାଯିବା ସହିତ ଆପୋଷ ଆଲୋଚନା ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ। ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଜନସାଧାରଣଙ୍କ ପକ୍ଷରୁ ଢେଙ୍କାନାଳ ବନ୍ଦ ଡାକରା ଦେବାକୁ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଢେଙ୍କାନାଳ ସଚେତନ ନାଗରିକ ଫୋରମ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳ ଶ୍ରୀ ମନୋରଞ୍ଜନ ମଲ୍ଲିକଙ୍କୁ ଭେଟି ଏକ ଦାବିପତ୍ର ମଙ୍ଗଳବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲପାଳ ଶ୍ରୀ ମଲ୍ଲିକ ମଙ୍ଗଳବାର ଦିନ ପୋଖରୀର ପୁନଃରୁଦ୍ଧାର ହେଉଥିବା କାର୍ଯ୍ୟକୁ ତଦାରଖ କରିବାକୁ ଯାଇଥିଲେ। ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପୋଖରୀ ପରଦର୍ଶନ କରିବା ପରେ ସବୁ ପଙ୍କ ସ୍ଥାନାନ୍ତରିତ କରାଯିବା ପାଇଁ ନିର୍ଦ୍ଦେଶ ଦେବା ସହିତ ପୋଖରୀ ହୁଡ଼ା ନିକଟରେ ପକାଇପାରିବେ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ପୌରପାଳିକା ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷା ପ୍ରକାଶ କଅଁର ଓ ପୌରଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ କୁଞ୍ଜକାନ୍ତ ପୋଖରୀ ଅନ୍ୟ ପୋଖରୀକୁ ପରିଦର୍ଶନ କରିଥିଲେ। କୁଞ୍ଜକାନ୍ତ ପୋଖରୀ ଦାୟିତ୍ୱ କାଉନ୍ସିଲର ଅଭିମନ୍ୟୁ ପଣ୍ଡା ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ବିଧାୟକ ସୁଧୀର କୁମାର ସାମଲ ଗୁରୁତର ଭାବରେ ଗ୍ରହଣ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ପୋଖରୀ ମଧ୍ୟରୁ ପଙ୍କ ଉଦ୍ଧାର ସହିତ ଏହାକୁ ହିଡ କିମ୍ବା ପୋଖରୀ ମଧ୍ୟରେନପକାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜଣାଇଛନ୍ତି। ଏହା ସହିତ ସ୍ଥାନୀୟବାସିନ୍ଦାଙ୍କ ସହିତ ଆଲୋଚନା କରି ସମସ୍ୟରେ ସମାଧାନ କରିବାକୁ ଅନୁରୋଧ କରିଛନ୍ତି।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ସୁଧ ଅର୍ଥ ପ୍ରଦାନ

କଣିହାଁ, ୨୭।୨(ସମିସ): କଣିହା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ସହ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟିର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ପ୍ରଧାନ ସିଡିପିଓ ଝୁନୁବାଳ ଦେଇ ପ୍ରମୁଖ ଥିବା ବେଳେ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗଦାନ କରିଥିଲେ। ବ୍ଲକର ୧୪୩୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୮ ଲକ୍ଷ ୩୭ ହଜାର ୭୯୮ ଟଙ୍କା ସୁଧ ଅର୍ଥ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତିର ଅଧିକାରୀ ସସ୍ମିତା ନାୟକ ଓ ଶ୍ରୀପତି ଭୁତିଆ ପରିଚାଳନାରେ ସହଯୋଗ କରିଥିଲେ।



## ବାଣିଜ୍ୟିକ ଯାନ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍‌ଘାଟିତ



ତାଳଚେର ସହର, ୨୭।୨(ସମିସ): ଦକ୍ଷତାର ଗତିକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ପ୍ରତିଭାଙ୍କୁ ଆଧୁନିକ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ ତାଲିମ ପ୍ରଦାନ କରି ଦକ୍ଷ ଓ କୁଶଳୀ କରିବାର ଲକ୍ଷ୍ୟନେଇ ତାଳଚେରରେ ଖୋଲିଛି ଅତ୍ୟାଧୁନିକ ବାଣିଜ୍ୟିକ ଯାନ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରତିଷ୍ଠାନ। ଏହା କୁଶଳୀ ଡ୍ରାଇଭର ସୃଷ୍ଟିକରିବା ସହ ତାଳଚେରର ଯୁବକଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧିକରିବ। ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ଡଃ. ମୃଦୁଳାଠାକୁର ପ୍ରଧାନ ଆଜି ଏହି ପ୍ରତିଷ୍ଠାନକୁ ଉଦଘାଟନ କରିଛନ୍ତି। ଏହି ପଦକ୍ଷେପର ମୂଳରେ ରହିଛି ଏକ ଅଭିନବ ଭାରୀ ଯାନ ପରୀକ୍ଷା ଡ୍ରାଇଭିଂ ଟ୍ରାକ୍-ଭି, ଯାହା ଏହି ଅଞ୍ଚଳର ଅସୀମ ସମ୍ଭାବନାକୁ ଉପଯୋଗ କରିବ। ଅତ୍ୟାଧୁନିକ ପ୍ରଶିକ୍ଷଣ ସୁବିଧା ଓ ଲାଇସେନ୍ସ ପ୍ରକ୍ରିୟାକୁ ଶୃଙ୍ଖଳିତ କରିତାଳଚେରର ଡ୍ରାଇଭର ସମୁଦାୟକୁ ସଶକ୍ତ କରିବା ସହ ସେମାନଙ୍କ ଆର୍ଥିକ ସମ୍ଭାବନାକୁ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି।

## ବିଜେଡିରୁ ବିଦାହେଲେ କାର୍ତ୍ତିକ ସାହୁ

ଭୁବନେଶ୍ୱର, ୨୭ ।୨(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡର କାର୍ତ୍ତିକ ସାହୁଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ତ୍ତିକଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ ରିଲିଜ ମାଧ୍ୟମରେ ଦଳ ପକ୍ଷରୁ ଉପରୋକ୍ତ ସୂଚନା ଦିଆଯାଇଛି।

## ୨୫୪ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ପ୍ରଦାନ

ଛେଣ୍ଡିପଦା, ୨୭।୨(ସମିସ): ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟର ମେଲଣ ପଡ଼ିଆ ଠାରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଅନୁକୂଳ୍ୟରେ ମଙ୍ଗଳବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗର ଇତିଶ୍ରୀ ଗଗରାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ଓ ସହାୟତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପସ୍ଥିତ ୨୫୪ ଜଣ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ କ୍ଷେତ୍ରରେ ୧ କୋଟି ୨୧ ଲକ୍ଷ ୨୫ହଜାର ୨ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ୪୧ ଜଣଙ୍କ ସନ୍ତାନମାନଙ୍କର ଶିକ୍ଷା, ୧୮୫ଜଣଙ୍କୁ ବିବାହ, ୧୨ଜଣଙ୍କୁ ମୃତ୍ୟୁ କାଳୀନ, ୧୨ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ଓ ୪ଜଣଙ୍କୁ ପ୍ରସବ କାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ୧୭୦ ଜଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲାରେ ୧୯ହଜାର ଶ୍ରମିକ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ହଜାର ଶ୍ରମିକ ସରକାରଙ୍କ ଏହି ସୁବିଧା ଓ ସହାୟତାକୁ ଗ୍ରହଣ କରିଛନ୍ତି। ତୁରନ୍ତ ଅନ୍ୟମାନେ ଏହି ସୁବିଧାର ସୁଯୋଗ ନେବା ପାଇଁ ବିଧାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ କୁମାର ବେହେରା, ଶବନି କୁମାର ସାହୁ, ପ୍ରିୟବ୍ରତ ବେହେରା, ମୁନା ପ୍ରଧାନ, ଗୋବିନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଦୁଇ ସାମ୍ବାଦିକଙ୍କ ଅଭିଯୋଗ

କଣିହାଁ/ରେଙ୍ଗାଳି, ୨୭ ।୨(ସମିସ):



ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ରେଙ୍ଗାଳି ବନ୍ଧ ବିଭାଜନ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲୁଥିବା ବେଳେ କାମରେ ଅନିୟମିତତା, ପିଇବା ପାଣି ସମସ୍ୟା ବିଷୟରେ ଆଲୋଚନା ପାଇଁ ଯାଇଥିବା ସାମ୍ବାଦିକଙ୍କ କଥା ନଶୁଣି ଅଧୀକ୍ଷଣ ଯନ୍ତ୍ରୀ ବାହାରି ଯିବାକୁ କହିଥିଲେ। ସୂଚନା ଅନୁସାରେ ଗତ କିଛିମାସ ପୂର୍ବରୁ ରେଙ୍ଗାଳି ବନ୍ଧ ଠାରୁ କଦଳୀପାଳ ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କାମ କରାଯାଇଥିଲା। ସେହି ସମୟରେ ବର୍ଷା ଅନବରତ ହେଉଥିବା ସତ୍ତ୍ୱେ ରାତି ଅଧରେ ପିଚୁ କାମ କରିବା ରହସ୍ୟ କ'ଣ ତାହା ଆଜିବି ରହସ୍ୟ ଘେରରେ। ଫଳସ୍ୱରୂପ ଆଜି ରାସ୍ତା କାମ ହୋଇଥିବା କିଛି ଜାଗାରେ ପିଚୁ ରାସ୍ତାରେ ନାହିଁ। ରାସ୍ତା ଖାଲ ହୋଇ ପଡ଼ିରହିଛି। ଅଞ୍ଚଳବାସୀ ଏଥିପ୍ରତି ସ୍ୱର ଉଠାଇଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆଯାଇନାହିଁ। ଘର ଆବଣ୍ଟନରେ ଅନିୟମିତତା ତଥା ବନ୍ଧ ବିଭାଜନ କର୍ମଚାରୀମାନେ ପ୍ରିୟାପ୍ରୀତି ଦେଖି ସରକାରୀ ଘରକୁ ବିନା କାଗଜ ପତ୍ରରେ କେମିତି ଦିଆଯାଇପାରେ ସେ ବିଷୟରେ ଧୁରନ୍ଧର। ରାସ୍ତାରେ ତିଆରି ହେଉଥିବା ଗାର୍ଡ ୱାଲଗୁଡିକ ରାସ୍ତାଠାରୁ ଦୁଇ ଫୁଟ ତଳେ ରହିଛି। ଦେଖିଲେ ଲାଗେ ଏହା ସରକାରୀ କାମ ନୁହେଁ, ଯେମିତି କେଉଁ ସାଧାରଣ ଲୋକ ମନ ଇଚ୍ଛାରେ କରିଛି। ଗାର୍ଡ ୱାଲ ଠାରୁ ରାସ୍ତାର ଉଚ୍ଚତା ଦୁଇ ଫୁଟରୁ ଅଧିକ ଉପରେ। ପାଇପ ଫାଟି ପାଣି ବହିଯାଉଥିବା ବେଳେ ଲୋକଙ୍କୁ ଦୁଇ ତିନି ଦିନରେ ଥରେ ଅଳ୍ପ ସମୟ ପାଇଁ ପାଣି ଦିଆଯାଇଥାଏ। ଫାଟିଥିବା ପାଇପ୍ ଗୁଡିକର ମରାମତି ମଧ୍ୟ କରାଯାଉନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ବେହେରା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିବା ବେଳେ ଅଧୀକ୍ଷଣ ଯନ୍ତ୍ରୀ ତୁରନ୍ତ ତାଙ୍କ କାର୍ଯ୍ୟକାଳରୁ ବାହାରି ଯିବାକୁ କହିଥଲେ। ସେଠାରୁ ବାହାରି ଆସି ସାମ୍ବାଦିକମାନଙ୍କ ପକ୍ଷରୁ ମୋ ସରକାରରେ ଲିଖିତ ଅଭିଯୋଗ କରାଯାଇଛି। ବୁଦ୍ଧିଜୀବୀ ମହଲରେ ଏହାକୁ ନିନ୍ଦା କରାଯାଇଛି।

